ବର୍ଷ-୨୬, ସଂଖ୍ୟା-୨୩୭
ଭୁବନେଶ୍ୱର
ସେପ୍ଟେମ୍ବର, ୦୨, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 237
Bhubaneswar
September, 02 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଜିଲ୍ଲା ଗସ୍ତ କରିବେ ଅଧିକାରୀ

ଭୁବନେଶ୍ୱର, ୧୯(ମହାଭାରତ): ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉନ୍ନୟନ କମିଶନର। ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ଚିଠି ଲେଖି ଅଧିକାରୀମାନଙ୍କୁ ଜଣାଇଛନ୍ତି। ଅଧିକାରୀମାନେ ଅକ୍ଟୋବର ଯାଏଁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ୨/୩ ଦିନିଆ ଗସ୍ତ କରିବେ ଏବଂ ଗୋଟିଏ ରାତି ଜିଲ୍ଲା/ଉପଖଣ୍ଡ ମୁଖ୍ୟାଳୟରେ ରହିବେ। ସେମାନେ ସେଠାରେ ରାଜ୍ୟ ସରକାରୀ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ଦେଖିବେ। ଏହାସହ ଜିଲ୍ଲା ମୁଖ୍ୟ ହସ୍ପିଟାଲ, ପିଏଚସି/ ସିଏଚସି ଯାଇ ରୋଗୀ ସେବା ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଦୁର୍ଗମ ଅଂଚଳ ଅଚାନକ ଗସ୍ତ କରି ସ୍ଥିତି ପରଖିବେ।ଗ୍ରାମପଂଚାୟତକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିପାରିବେ। ୩୦ ଜିଲ୍ଲା ପାଇଁ ୩୦ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଉନ୍ନୟନ କମିଶନର।

### ସିଜେପି ବିକ୍ଷୋଭକାରୀଙ୍କୁ ବଡ ଆଶ୍ୱସ୍ତି

# ସମସ୍ତ ଏଫଆଇଆର୍ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯: କକ୍ରୋଚ ଜନତା ପାର୍ଟି(ସିଜେପି) ବ୍ୟାନରରେ ବିକ୍ଷୋଭ କରୁଥିବା ଦେଶର ଯୁବଗୋଷ୍ଠୀଙ୍କୁ ଆଶ୍ୱସ୍ତି। ଜୁଲାଇ ୨୦ ସିଜେପିର ସଂସଦ ଚାଲୋ ବିକ୍ଷୋଭ ଶୋଭଯାତ୍ରା ଘଟଣାରେ ସୁପ୍ରିମକୋର୍ଟ ଦେଇଛନ୍ତି ବଡ ନିର୍ଦ୍ଦେଶ।

ସିଜେପିର ବିକ୍ଷୋଭକାରୀଙ୍କ ବିରୋଧରେ ଦେଶର ବିଭିନ୍ନ ସ୍ଥାନରେ ରୁଜୁ ହୋଇଥିବା ସମସ୍ତ ଏଫଆଇଆରକୁ ଆଜି ରଦ୍ଦ କରି ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଜୁଲାଇ ୨୦ରୁ ୨୫ ମଧ୍ୟରେ ରୁଜୁ ସମସ୍ତ ଏଫଆଇଆରକୁ ରଦ୍ଦ କରିବାକୁ ଆଜି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଯେଉଁ ବିକ୍ଷୋଭକାରୀଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଛି, ସେମାନଙ୍କ କ୍ଷେତ୍ରରେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବନି। କିନ୍ତୁ ଶିକ୍ଷାର୍ଥୀଙ୍କ ବିରୋଧରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ରୁଜୁ ହୋଇଥିବା ମାମଲା ରଦ୍ଦ କରାଯାଉଥିବା କୋର୍ଟ ସ୍ପଷ୍ଟ କରିଛନ୍ତି।



ସୁପ୍ରିମକୋର୍ଟଙ୍କ ଏହି ବଡ ନିର୍ଦ୍ଦେଶ ପରେ ସିଜେପି ପକ୍ଷରୁ ପ୍ରସ୍ତାବିତ ସେପ୍ଟେମ୍ବର ୫ ବିକ୍ଷୋଭ ଶୋଭାଯାତ୍ରାକୁ ପ୍ରତ୍ୟାହାର କରିନିଆଯାଇଛି। କେନ୍ଦ୍ର ସରକାର ବିକ୍ଷୋଭକାରୀଙ୍କ ବିରୋଧରେ ରୁଜୁ ଏଫଆଇଆର ପ୍ରତ୍ୟାହାର କରୁ ନଥିବାରୁ ସିଜେପି ସେପ୍ଟେମ୍ବର ୫ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ୍ ମୁଖ୍ୟାଳୟ ଯାଏ ବିକ୍ଷୋଭ ଶୋଭାଯାତ୍ରା କରିବ ବୋଲି ଘୋଷଣା କରିଥିଲା।

କୋର୍ଟଙ୍କ ଏଫଆଇଆର ରଦ୍ଦ ନିର୍ଦ୍ଦେଶ ପୂର୍ବରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ଜୁଲାଇ ୨୦ ଘଟଣାକୁ ନେଇ ରୁଜୁ ସମସ୍ତ ଏଫଆଇଆରକୁ ପ୍ରତ୍ୟାହାର କରାଯିବ ଓ ନୂଆ ମାମଲା ହେବନାହିଁ। ଏହାପରେ କୋର୍ଟ ସମସ୍ତ ଏଫଆଇଆର ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

କିନ୍ତୁ ଦିଲ୍ଲୀ ପୁଲିସ୍‌ର ଗୋଟିଏ ସ୍ୱତନ୍ତ୍ର ଆବେଦନକୁ କୋର୍ଟ ଅନୁମତି ଦେଇଛନ୍ତି। ଯନ୍ତରମନ୍ତର ବିକ୍ଷୋଭରେ ଏମିତି ୨୮୭୩ ଜଣ ବ୍ୟକ୍ତିବିଶେଷ ଥିଲେ ଯେଉଁମାନଙ୍କ ନାଁରେ ପୂର୍ବରୁ ଅପରାଧିକ ମାମଲା ରହିଥିଲା। ତେଣୁ ସେମାନଙ୍କ ବିରୋଧରେ ଏଫଆଇଆର ପଞ୍ଜିକରଣ କରିବାକୁ ଦିଲ୍ଲୀ ପୁଲିସ୍‌କୁ କୋର୍ଟ ଗ୍ରୀନ ସିଗ୍ନାଲ ଦେଇଛନ୍ତି।

ସଲିସିଟର ଜେନେରାଲ ତୁଷାର ମେହଟା ସୁପ୍ରିମକୋର୍ଟଙ୍କୁ କହିଥିଲେ ଯେ କେନ୍ଦ୍ର(ଦିଲ୍ଲୀ ପୁଲିସ୍), ବିହାର, ଆସାମ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଛାତ୍ର ଆନ୍‌ଦୋଳନ ସହ ଜଡିତ ଏଫଆଇଆରକୁ ରଦ୍ଦ ପାଇଁ ଆବେଦନ କରିଛନ୍ତି। ଏଥିସହ ଜୁଲାଇ ୨୦ରୁ ୨୫ ମଧ୍ୟରେ ଘଟିଥିବା ଘଟଣାକୁ ନେଇ କୌଣସି ନୂଆ ଏଫଆଇଆର ରୁଜୁ ହେବନାହିଁ ବୋଲି ସେମାନେ ଆବେଦନରେ ଉଲ୍ଲେଖ କରିଛନ୍ତି। ଜୁଲାଇ ୨୫ରେ ସିଜେପି ନେତାମାନଙ୍କୁ କେନ୍ଦ୍ର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସବୁ ପ୍ରକାରର ପଦକ୍ଷେପ ନିଆଯାଉଥିବା ମଧ୍ୟ ମେହଟା ସର୍ବୋଚ୍ଚ ଅଦାଲତକୁ ଜଣାଇଛନ୍ତି। ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି ଯେ ଯଦି ଉଭୟ ପକ୍ଷ ପରସ୍ପର ସହ ବିଶ୍ୱାସର ସହ କଥା ହେବେ, ତା'ହେଲେ ସବୁ ବିବାଦର ସମାଧାନ ହୋଇପାରିବ। ଏହାର ଜବାବରେ ମେହଟା କହିଥିଲେ ଯେ ଉଭୟ ପକ୍ଷ ଏହି ପ୍ରସଙ୍ଗକୁ ସକାରାତ୍ମକ ଓ ଗଠନମୂଳକ ଢଙ୍ଗରେ ବିଚାରକୁ ନେଇଛନ୍ତି। ଆମେ ପରସ୍ପରର ଶତ୍ରୁ ଆଦୌ ନୁହଁ।କେନ୍ଦ୍ରର ଏପରି ଆଭିମୁଖ୍ୟକୁ ସିଜେପି ମୁଖପାତ୍ର ସୌରଭ ଦାସ ସ୍ୱାଗତ କରିଛନ୍ତି। ଏହାପରେ ସେ ସେପ୍ଟେମ୍ବର ୫ ଶୋଭାଯାତ୍ରାକୁ ଦଳ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିବା କୋର୍ଟଙ୍କୁ ଜଣାଇଛନ୍ତି। କେନ୍ଦ୍ର ସରକାର ମଧ୍ୟ ନିଜ ପ୍ରତିଶ୍ରୁତି ପୂରଣ କରିବେ ବୋଲି କୋର୍ଟରେ ପୁଣି ଥରେ ଦୋହରାଇଛନ୍ତି।

## ଶୋଭାଯାତ୍ରାକୁ ପ୍ରତ୍ୟାହାର କଲା ସିଜେପି

ନୂଆଦିଲ୍ଲୀ, ୧୯ : ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଦିଲ୍ଲୀରେ ବିକ୍ଷୋଭ ଶୋଭାଯାତ୍ରା କରିବାକୁ ଘୋଷଣା କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପି ଆଜି ଏହାକୁ ପ୍ରତ୍ୟାହାର କରି ନେଇଛି। ପ୍ରସ୍ତାବିତ ଆନ୍‌ଦୋଳନ ପ୍ରତ୍ୟାହାର ସମ୍ପର୍କରେ ସିଜେପି ସୁପ୍ରିମକୋର୍ଟଙ୍କୁ ଜଣାଇଛି।ଯୁବ ବିକ୍ଷୋଭକାରୀଙ୍କୁ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ସହ ଜୁଲାଇ ୨୦ ଯନ୍ତରମନ୍ତର ବିକ୍ଷୋଭ ସହ ଜଡିତ ଏଫଆଇଆର ପ୍ରତ୍ୟାହାର ପାଇଁ ରାଜି ହେବାରୁ ସିଜେପି ଏପରି ନିଷ୍ପତ୍ତି ନେଇଥିବା କହିଛି।ସିଜେପି ମୁଖପାତ୍ର ତଥା ସହ ଆବାହକ ସୌରଭ ଦାସ ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ଆଗରେ ହାଜର ହୋଇ ସେପ୍ଟେମ୍ବର ୫ ତାରିଖରେ ହେବାକୁ ଥିବା ଶୋଭାଯାତ୍ରା ପ୍ରତ୍ୟାହାର କରାଯାଉଥିବା ଜଣାଇଛନ୍ତି।ସେ କୋର୍ଟଙ୍କୁ କହିଛନ୍ତି ଯେ "ସକାରାତ୍ମକ ପ୍ରତିଶ୍ରୁତି, ନ୍ୟାୟିକ ପବିତ୍ରତା ଓ କୋର୍ଟ ଆଜି ପାସ୍ କରିଥିବା ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ସିଜେପି ପ୍ରସ୍ତାବିତ ଶୋଭାଯାତ୍ରା ପ୍ରତ୍ୟାହାର କରିବା ଉଚିତ ବୋଲି ଅନୁଭବ କରୁଛି।"

## ବାଣିଜ୍ୟିକ ଏଲ୍‌ପିଜି, ସିଏନ୍‌ଜି, ବିମାନ ଇନ୍ଧନ ଦର ବଢ଼ିଲା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯(ମହାଭାରତ): ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡିକ ବାଣିଜ୍ୟିକ ଏଲ୍‌ପିଜି ଦରବାଢ଼ାଇଛନ୍ତି। ୧୯ କିଗ୍ରା ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡରରେ ପାଖାପାଖି ୧୦ ଟଙ୍କା ବୃଦ୍ଧି ହୋଇଛି। ଏଥିସହିତ ୫ କେଜିଆ ସିଲିଣ୍ଡର ପିଛା ଏଲ୍‌ପିଜି ଦର ୨ ଟଙ୍କା ବୃଦ୍ଧି ଘଟିଛି। ଏହି ବୃଦ୍ଧି ଫଳରେ ଭୁବନେଶ୍ୱରରେ ୧୯ କିଗ୍ରା ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର ୨୯୧୯ ଟଙ୍କା ହୋଇଛି। ସେହିଭଳି ୫ କେଜିଆ ଏଲ୍‌ପିଜି ସିଲିଲଣ୍ଡର ଦର ୮୧୦ ଟଙ୍କା ହୋଇଛି। ତେବେ ଘରୋଇ ଏଲ୍‌ପିଜି ଦରରେ କେଣସି ପରିବର୍ତ୍ତନ ହୋଇନାହିଁ। ଭୁବନେଶ୍ୱରରେ ସିଏନ୍‌ଜି ଦର ଆଜି କିଲୋଗ୍ରାମ ପିଛା ୧ ଟଙ୍କା ବିଛି। ପୂର୍ବରୁ ସିଏନ୍‌ଜି ଦର କିଲୋଗ୍ରାମ ପିଛା ୯୪ ଟଙ୍କା ଥିବାବେଳେ ଆଜି ଏହା ୯୫ ଟଙ୍କା ହୋଇଛି। ବିମାନ ଇନ୍ଧନ ବା ଏଟିଏଫ୍ ଦର ଲିଟର ପିଛା ୬ ଟଙ୍କା ୨୮ ପଇସା ବା ୫.୪୬ ପ୍ରତିଶତ ବୃଦ୍ଧି ଘଟି ୧୨୧ ଟଙ୍କା ୨୮ ପଇସା ହୋଇଛି। ଅଗଷ୍ଟ ପହିଲାରେ ବିମାନ ଇନ୍ଧନ ଦର ଲିଟର ପିଛା ୫ ଟଙ୍କା ବିଥିଲା। ଉଲ୍ଲେଖଯୋଗ୍ୟ ବିମାନର ପରିଚାଳନା ଖର୍ଚ୍ଚରେ ଇନ୍ଧନର ଅଂଶ ପ୍ରାୟ ୪୦ ପ୍ରତିଶତ ରହିଥାଏ। ତେଣୁ ଏହାର ଦରବୃଦ୍ଧି ଗୋଟିଏ ପଟେ ଏୟାରଲାଇନ୍ସଗୁଡିକର ଲାଭକୁ ପ୍ରଭାବିତ କରିଥାଏ। ଅନ୍ୟମାନେ ଏଥିପାଇଁ ବିମାନ ଭଡାବୃଦ୍ଧିର ଆଶଙ୍କା ସୃଷ୍ଟି ହୋଇଥାଏ।

## ୮ ତାରିଖରେ ୟୁଏଇ ଗସ୍ତ କରିବ ଓଡିଶା ଟିମ୍

ଭୁବନେଶ୍ୱର,, ୦୧୯ (ମହାଭାରତ): ଆସନ୍ତା ୮ ତାରିଖରେ ୟୁଏଇ ଗସ୍ତ କରିବ ଓଡିଶା ଟିମ୍ । ମୁଖ୍ୟମନ୍ତ୍ରୀଙ୍କର ଦୁବାଇରେ ୮ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ



ରହିଛି କାର୍ଯ୍ୟକ୍ରମ । ଏନେଇ ଶିକ୍ଷମନ୍ତ୍ରୀ ସଂପଦ ସ୍ୱାଇଁ ସୂଚନା ଦେଇଛନ୍ତି । ବିଭିନ୍ନ ନିବେଶକାରୀଙ୍କ ସହିତ ୱାନ ଟୁ ୱାନ ଆଲୋଚନା ହେବ । ଓଡ଼ିଶାରେ ଅଧିକରୁ ଅଧିକ ନିବେଶ ଆସିବ । ବିଭିନ୍ନ ସେକ୍ଟରର ମୁଖ୍ୟଙ୍କ ସହିତ ଆଲୋଚନା ହେବ । ଗତ କିଛିଦିନ ତଳେ ଓଡ଼ିଶାକୁ ଏଫଡିଆଇ ନିବେଶ ଆସିଥିଲା । ଆଗକୁ ଆହୁରି ଏଫଡିଆଇ ନିବେଶ ଆସିବ । ଦୁବାଇରେ ୪ ଦିନ ବିଭିନ୍ନ କାର୍ଯ୍ୟକ୍ରମ ରହିଛି । ରୋଡ ଶୋ ରହିଛି । ପ୍ରବାସୀ ଓଡିଆ କାର୍ଯ୍ୟକ୍ରମ ବି ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।

## ସରିଲା ରତ୍ନଭଣ୍ଡାର ଗଣତିମଣତି

ପୁରୀଭୁବନେଶ୍ୱର, ୧୯(ମହାଭାରତ): ଗତକାଲି ଭଳି ଆଜି ୧୭ତମ ଦିନରେ ମଧ୍ୟ ଲମ୍ବା ସମୟ ଧରି ଭିତର ଭଣ୍ଡାରରେ ରତ୍ନ ଗଣତି ହୋଇଛି। ଦୀର୍ଘ ୮ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ଏହି ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ମୂଲ୍ୟବାନ ରତ୍ନ ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ ହୋଇଛି। ମହାପ୍ରଭୁଙ୍କ କୃପାରୁ ଏହା ଅତ୍ୟନ୍ତ ସ୍ୱଚ୍ଛତାସହ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।



ଆଜି ସକାଳ ଧୂପ ପରେ ୧୧ଟା ୩୦ ମିନିଟ୍‌ରେ ସ୍ୱତନ୍ତ୍ର ଦଳ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ଠିକ୍ ୭ଟା ୫୩ ମିନିଟ୍‌ରେ ଗଣତି ଶେଷ ହୋଇଥିଲା। ଭିତରେ ଥିବା ୬ଟି ଆଲମାରିରୁ ଏବେ ୫ମ ଆଲମାରି ରତ୍ନ ଗଣତି ଚାଲିଛି। ସବୁ ରତ୍ନର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରିଡି ମ୍ୟାପିଂ ସହ କାଟାଲଗ୍ ପ୍ରସ୍ତୁତ କରାଯାଉଛି। ରତ୍ନ ବିଶାରଦଙ୍କ ଦ୍ୱାରା ରତ୍ନପଥରଗୁଡିକ ଚିହ୍ନଟ ହେଉଥିବାରୁ ଗୋଟିଏ ଗୋଟିଏ ରତ୍ନ ପରୀକ୍ଷା କରି ଗଣତି କରିବାକୁ ଘଣ୍ଟାଏ ଲାଗୁଛି। ଅତିରିକ୍ତ ବ୍ୟବସ୍ଥାବଳୀ ଆଧାରରେ ସମ୍ପୂର୍ଣ୍ଣ ନିର୍ଭୁଲ୍ ଭାବରେ ପକ୍ରିୟା ଜାରି ରହିଥିବା ସେ କହିଛନ୍ତି। ଗତକାଲି ରତ୍ନ ଭଣ୍ଡାର ଭିତରେ ଥିବା ତିନିଟି କାଠବାକ୍ସର ମାପ ନିଆଯାଇଥିଲା। ସେହି ମାପରେ ନୂଆ ବାକ୍ସ ତିଆରି ହେବ। କାଠବାକ୍ସରୁ ରତ୍ନ ଗଣା ସରିବା ପରେ ନୂଆ ବାକ୍ସରେ ରଖାଯିବ। ଆଲମାରିରୁ ଗଣତି ସରିଯିବା ପରେ ଏହି କାଠବାକ୍ସ ଖୋଲାଯିବ। କାଠବାକ୍ସକୁ ଖୋଲି ଅଳଙ୍କାର ଗଣତି କରିବା ଭିତର ରତ୍ନଭଣ୍ଡାରର ସୀମିତ ଜାଗାରେ ସମ୍ଭବ ନ ଥିବାରୁ ଏହାକୁ ଖଟଶେଜ ଘରେ ଗଣତି କରାଯିବ। ଏଣୁ ଏହି ଖଟଶେଜ ଘରକୁ ତା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହି ପକ୍ରିୟାରେ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଡ. ବିଶ୍ୱନାଥ ରଥ, ଅଧିକୃତ ସେବକ, ଛତିଶା ନିଯୋଗ ନାୟକ, ତଡଉକରଣ, ଦେଉଳକରଣ, ଭଣ୍ଡାର ମେକାପ ସେବକ, ପରିଚାଳନା କମିଟିସଦସ୍ୟ ଓ ଯେଉଁମାନେ ଅଧିକୃତ ବ୍ୟକ୍ତିବିଶେଷ ଅଛନ୍ତି ସମସ୍ତେ ସମର୍ପଣ ଭାବ ନେଇ ସହଯୋଗ କରୁଛନ୍ତି ବୋଲି କହିଛନ୍ତି ଡ. ପାଢ଼ୀ।

## ଜେଲ୍‌ରୁ ବାହାରିଲେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା

କଟକ/ବ୍ରହ୍ମପୁର/ଭୁବନେଶ୍ୱର, ୧୯(ମହାଭାରତ); ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଆଜି ଜେଲ୍‌ରୁ ବାହାରିଛନ୍ତି। ଓଡିଶା ହାଇକୋର୍ଟରୁ ଜାମିନ ମଞ୍ଜୁର ହେଲା ପରେ ଶ୍ରୀ ପଣ୍ଡା ଆଜି ସନ୍ଧ୍ୟାରେ ଜେଲ୍‌ରୁ ବାହାରିଛନ୍ତି। ଶ୍ରୀ ପଣ୍ଡା ଜେଲ୍‌ରୁ ବାହାରିବା ସମୟରେ ବିଜେଡିର କର୍ମୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି। ବିକ୍ରମ ପଣ୍ଡାଙ୍କ ପାଇଁ ଶୋଭାଯାତ୍ରାର ଆୟୋଜନ କରିଛନ୍ତି। ବିଜେଡି ନେତା ଏବଂ କର୍ମୀଙ୍କ ମହଲରେ ଖୁସିର ମାହୋଲ ଦେଖାଯାଇଛି। ଜେଲ୍‌ରୁ ବାହାରିଲା ପରେ ବିକ୍ରମ ପଣ୍ଡା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଭାବବିହ୍ୱଳ ହୋଇ ସେ କହିଛନ୍ତି, ମୋତେ ନ୍ୟାୟ ମିଳିଛି। ଦଳ ପାଇଁ କାମ କରିଛି। ଗଂଜାମ ପାଇଁ କାମ କରିଛି। ବିଜେଡି ସୁପ୍ରିମୋଙ୍କ ମାର୍ଗଦର୍ଶନରେ ଆହୁରି କିଛି କାମ କରିବି। ହାଇକୋର୍ଟ କହିଛନ୍ତି, ଶ୍ରୀ ପଣ୍ଡାଙ୍କୁ ଗିରଫଦାରୀର ଆଧାର/କାରଣ ସଂକ୍ରାନ୍ତରେ ଗିରଫ ବେଳେ ଅବଗତ କରାଯାଇ ନଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗିରଫ କରିଥିବା ଅଧିକାରୀ ଏହି ପ୍ରସଂଗରେ ଆଇନରେ ଥିବା ବ୍ୟବସ୍ଥା ପାଳନ କରି ନଥିଲେ। ସମ୍ବିଧାନର ଧାରା ୨୧(୧) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୪୭ ଓ ୪୮ରେ ରହିଥିବା ବ୍ୟବସ୍ଥା ଅନୁସାରେ ତଥା ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଅବଗତ କରାଯାଇ ନଥିଲା।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ପ୍ରମୁଖ ସାଂସ୍କୃତିକ ଲୋକ କଳାକାର

ଭୁବନେଶ୍ୱର, ୦୧୯(ମହାଭାରତ): ଗଞ୍ଜାମ ଜିଲ୍ଲାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଜୀବନ୍ତ ପ୍ରତିନିଧି ୯୦ରୁ ଉର୍ଦ୍ଧ୍ୱ ଲୋକକଳାକାର ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ଭାରତର ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭି. କୀର୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ପାଂଚଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ। ରାଷ୍ଟ୍ରପତି ଭବନରେ ପହଂଚିବା ପରେ କଳାକାରମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ନିକଟରେ ମହାମହିମ ରାଷ୍ଟ୍ରପତିଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମର ଆଦିବାସୀ ଓ ଲୋକନୃତ୍ୟ ଦଳଗୁଡ଼ିକ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପାରମ୍ପରିକ କଳା ପ୍ରଦର୍ଶନରେ ମହାମହିମ ରାଷ୍ଟ୍ରପତି ଅଭିଭୂତ ହୋଇ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ୯୦ରୁ ଉର୍ଦ୍ଧ୍ୱ କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ।



କଳାକାରମାନଙ୍କ ସହ ଭାବ ବିନିମୟ ସମୟରେ ମହାମହିମ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ କହିଥିଲେ ଯେ, ପୂର୍ବପୁରୁଷମାନଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାକୁ ନିରନ୍ତର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ବାପା-ମାଆ ଓ ଆତ୍ମୀୟ ସ୍ୱଜନଙ୍କର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ।ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ମହାମହିମ ରାଷ୍ଟ୍ରପତି ପ୍ରଶଂସା କରିଥିଲେ। କଳାକାରମାନଙ୍କ ପାଇଁ ଏହି ଦିନଟି ଏକ ଅବିସ୍ମରଣୀୟ ଅନୁଭୂତି ଦେଇଛି । ରାଷ୍ଟ୍ରପତି ଭବନ ପରିଦର୍ଶନ, ମହାମହିମ ରାଷ୍ଟ୍ରପତିଙ୍କ ସହ ଅଧଘଂଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଶ୍ରୀ ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି । ଏହି ପ୍ରତିନିଧି ଦଳ ସହିତ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

## ସାର୍ଟିଫାଏଡ ସବୁଜ କ୍ୟାମ୍ପସ୍ ହେଲା ଓଡ଼ିଶା ଲୋକଭବନ

ଭୁବନେଶ୍ୱର, ୧୯(ମହାଭାରତ): ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୋକ ଭବନ ଭାରତୀୟ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ (ଆଇଜିବିସି)ର ଗ୍ରୀନ୍ କ୍ୟାମ୍ପସ ରେଟିଂ ସିଷ୍ଟମ୍ ଅଧୀନରେ ପ୍ଲାଟିନମ୍ ପ୍ରମାଣପତ୍ର ହାସଲ କରି ଦେଶର ପ୍ରଥମ ପ୍ଲାଟିନମ୍ ପ୍ରମାଣପତ୍ରପ୍ରାପ୍ତ ଲୋକ ଭବନ ହୋଇଛି। ଏହା ସ୍ଥାୟୀ ଓ ପରିବେଶ ଅନୁକୂଳ ଭିତିଭୂମି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ।

ମଙ୍ଗଳବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ ହଲ୍ ରେ ଆୟୋଜିତ କାର୍ଯ୍ୟକ୍ରମରେ ଆଇଜିବିସିର ଜାତୀୟ ଅଧ୍ୟକ୍ଷ ସି. ଶେଖର ରେଡ୍ଡୀଙ୍କଠାରୁ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରମାଣପତ୍ର ଗ୍ରହଣ କରିଥିଲେ। ଲୋକ ଭବନ ୧୦୦ରୁ ୮୮ ଅଙ୍କ ହାସଲ କରି ଆଇଜିବିସି ରେଟିଂ ବ୍ୟବସ୍ଥାର ସର୍ବୋଚ୍ଚ ବର୍ଗରେ ସ୍ଥାନ ପାଇଛି।

ଏହି ଅବସରରେ ଗଣମାଧ୍ୟମକୁ ସମ୍ବୋଧିତ କରି ରାଜ୍ୟପାଳ ଡ. କମ୍ଭମପାଟି ଏହି ସ୍ୱୀକୃତିକୁ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି କହିବା ସହ ଲୋକ ଭବନକୁ ସବୁଜ ପରିସରରେ ପରିଣତ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସର ଏହା ଫଳ ବୋଲି କହିଥିଲେ। ରାଜ୍ୟପାଳ କହିଥିଲେ ଯେ ସବୁଜିମା, ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ବ୍ୟବହାର, ବୈଦ୍ୟୁତିକ ଯାନର ବ୍ୟବହାର ସମେତ ବିଭିନ୍ନ ପଦକ୍ଷେପକୁ ଏହି ପ୍ରମାଣପତ୍ରରେ ସ୍ୱୀକୃତି ମିଳିଛି। ଯେଉଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା, ଲୋକ ଭବନ ପକ୍ଷରୁ ସେଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଥିଲା ଏବଂ ଶେଷରେ ଆମେ ସର୍ବୋଚ୍ଚ ରେଟିଂ ହାସଲ କରିପାରିଛୁ।" ଆଗାମୀ ଦିଲ୍ଲୀ ଗସ୍ତ ସମୟରେ ସେ ଏହି ପ୍ରମାଣପତ୍ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଖାଇବେ ବୋଲି ଡ. କମ୍ଭମପାଟି କହିଥିଲେ। ଏହି ସଫଳତା ଅନ୍ୟାନ୍ୟ ଅନୁଷ୍ଠାନକୁ ମଧ୍ୟ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ସହ ସବୁଜ ପ୍ରମାଣପତ୍ର ହାସଲ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ ଆଶା ପ୍ରକାଶ କରିଥିଲେ।



ଲୋକ ଭବନ ବାହାରେ ମଧ୍ୟ ଏହି ସବୁଜ ବାର୍ତ୍ତାକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଇ ରାଜ୍ୟପାଳ ଓଡ଼ିଶାର ବିଶ୍ୱବିଦ୍ୟାଳୟମାନଙ୍କୁ ସବୁଜ ପ୍ରମାଣପତ୍ର ହାସଲ କରିବାକୁ ଆହ୍ୱାନ ଜଣାଇଥିଲେ। ପରିବେଶ ସଚେତନତା ସୃଷ୍ଟିରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧିକ ଭୂମିକା ନେଇପାରିବେ ବୋଲି ସେ କହିଥିଲେ। ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ଉତୀର୍ଣ୍ଣ ହେଉଥିବାରୁ ସେମାନେ ପରିବେଶ ସୁରକ୍ଷାର ଆମ୍ବାସଡର ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ।

ଲୋକ ଭବନରେ ନିଆଯାଇଥିବା ଅକ୍ଷୟ ଶକ୍ତି ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ରାଜ୍ୟପାଳ ଆଲୋକପାତ କରିଥିଲେ। ପରିସରରେ ବର୍ତ୍ତମାନ ୬୩୫ କିଲୋୱାଟ୍ ପିକ୍ ସୌର ଶକ୍ତି କ୍ଷମତା ସମ୍ପନ୍ନ ସିଷ୍ଟମ ସ୍ଥାପିତ ହୋଇଥିବା ସେ କହିଥିଲେ। ଘର ଓ ବିଭିନ୍ନ ଅନୁଷ୍ଠାନରେ ଅଧିକରୁ ଅଧିକ ରୁଫ ଟପ ସୋଲାର ସିଷ୍ଟମ ବ୍ୟବହାର କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ଜର୍ମାନୀରେ ବର୍ଷକୁ ପ୍ରାୟ ୧୦୦ ଦିନ ସୂର୍ଯ୍ୟକିରଣ ମିଳେ, ତଥାପି ସେଠାରେ ସୌର ଶକ୍ତିର ବ୍ୟବହାର କରାଯାଉଛି। ଆମ ପାଖରେ ବର୍ଷକୁ ପ୍ରାୟ ୩୦୦ ଦିନ ସୂର୍ଯ୍ୟକିରଣ ମିଳେ। ଯଦି ଆମେ ଏହି ଶକ୍ତିର ଉପଯୋଗ ନକରିବା, ତେବେ ଏହା ଏକ ଅପରାଧ ହେବ।

ଏହାର ସବୁଜ ରୂପାନ୍ତରଣର ଅଂଶ ଭାବରେ, ଓଡ଼ିଶା ଲୋକ ଭବନ ମଧ୍ୟ ଏକ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଚାଳିତ କାରକେଡ୍ ଗ୍ରହଣ କରିଛି, ଯାହା ଏହାକୁ ଦେଶର ପ୍ରଥମ ଲୋକ ଭବନ କରିଛି ଯେଉଁଥିରେ ରାଜ୍ୟପାଳଙ୍କ କାରକେଡ୍କୁ ସମ୍ପୂର୍ଣ୍ଣ ଭାବରେ ବୈଦ୍ୟୁତିକ ଯାନରେ ପରିବର୍ତ୍ତନ କରାଯାଇଛି। ଅକ୍ଷୟ ଶକ୍ତି ବ୍ୟବହାରକୁ ଆହୁରି ବଢ଼ାଇବା ପାଇଁ ଲୋକ ଭବନ ପରିସରରେ ଛୋଟ ଉଇଣ୍ଡ ମିଲ (ପବନ ଚକି) ସ୍ଥାପନ କରିବାକୁ ମଧ୍ୟ ଯୋଜନା ରହିଛି। ଅକ୍ଷୟ ଶକ୍ତିର ବ୍ୟବହାର ବଢ଼ିଲେ ପରିସରକୁ ସ୍ୱଚ୍ଛ ଶକ୍ତି ଆଡ଼କୁ ଆହୁରି ଦୃଢ଼ତାର ସହ ନେବା ସମ୍ଭବ ହେବ ବୋଲି ରାଜ୍ୟପାଳ କହିଥିଲେ।ପୁରୀସ୍ଥିତ ଲୋକ ଭବନକୁ ମଧ୍ୟ ସବୁଜ ପ୍ରମାଣପତ୍ର ହାସଲ କରାଇବା ପାଇଁ ପଦକ୍ଷେପ ନିଆଯିବ। ଏହାର ପ୍ରଥମ ପଦକ୍ଷେପ ଭାବେ ସେଠାରେ ୧୦୦ କିଲୋୱାଟ୍ ର ସୌର ଶକ୍ତି ପ୍ଲାଂଟ ସ୍ଥାପନ ପାଇଁ ପ୍ରସ୍ତାବ ରହିଛି।ଓଡ଼ିଶା ଓ ସମଗ୍ର ଦେଶରେ ସ୍ୱଚ୍ଛ ଶକ୍ତି ଆଡ଼କୁ ଏକ ବ୍ୟାପକ ପରିବର୍ତ୍ତନ ଆସୁଥିବା କଥା ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଏଥିରେ ସୌର ଓ ପବନ ଶକ୍ତି ଭଳି ଅକ୍ଷୟ ଶକ୍ତି ଉପରେ ଗୁରୁତ୍ୱ ଦିନକୁ ଦିନ ବଢୁଛି ବୋଲି ସେ କହିଥିଲେ। ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ପରିବେଶ ସୁରକ୍ଷା ପ୍ରତି ରାଜ୍ୟପାଳଙ୍କ ପ୍ରତିବଦ୍ଧତା ଲୋକ ଭବନର ସବୁଜ ରୂପାନ୍ତରଣ ମାଧ୍ୟମରେ ବାସ୍ତବ ରୂପ ନେଇଛି। ଏହି ସ୍ୱୀକୃତି ଓଡ଼ିଶା ପାଇଁ ଗର୍ବର ବିଷୟ ଏବଂ ଭବିଷ୍ୟତରେ ସରକାରୀ କୋଠା ଯୋଜନା କରିବା ସମୟରେ ସବୁଜ ପଦକ୍ଷେପକୁ ସାମିଲ କରିବା ପାଇଁ ବିଭିନ୍ନ ବିଭାଗକୁ ଏହା ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ।

## ଶକ୍ତି ସମ୍ମିଳନୀରେ ଏକାଠି ୨୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ

ଭୁବନେଶ୍ୱର, ୧୯(ମହାଭାରତ); ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଭୁବନେଶ୍ୱରଠାରେ ଆୟୋଜିତ 'ଶକ୍ତି ସମ୍ମିଳନୀ'ର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଛନ୍ତି। ମହିଳାଙ୍କ ସୁରକ୍ଷା, ସଂରକ୍ଷଣ ଓ ସଶକ୍ତୀକରଣ ପାଇଁ ସାମୂହିକ ଉଦ୍ୟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଛନ୍ତି।

ସମାବେଶକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତିଯେ ମହିଳା ସୁରକ୍ଷା ଓ ମହିଳା ସଶକ୍ତୀକରଣକୁ ଭିନ୍ନ ଭିନ୍ନ ଭାବେ ଦେଖାଯାଇପାରିବ ନାହିଁ। ମଜବୁତ ଅନୁଷ୍ଠାନ, ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ସାମୂହିକ ଉତରଦାୟିତ୍ୱ ମାଧ୍ୟମରେ ଏଗୁଡ଼ିକ ସହ-ସମ୍ବନ୍ଧିତ ହୋଇ ଆଗେଇବା ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପରସ୍ପରଠାରୁ ଶିଖିବା, ସମନ୍ୱୟ ବୃଦ୍ଧି କରିବା ଏବଂ ପ୍ରତ୍ୟେକ ମହିଳା ଯେପରି ସୁରକ୍ଷା, ସମ୍ମାନ ଓ ସୁଯୋଗ ସହ ଜୀବନଯାପନ କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଶକ୍ତି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି।

ଜାତୀୟ ମହିଳା ଆୟୋଗ ଏବଂ ଓଡ଼ିଶା ସରକାରଙ୍କ ଯୁଗ୍ମ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀ, ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ନିଜର ସଫଳ ପଦକ୍ଷେପ ବାଣ୍ଟିବା, କାର୍ଯ୍ୟକାରିତାରେ ଥିବା ଅଭାବକୁ ଚିହ୍ନଟ କରିବା ଏବଂ ଅଧିକ ଆନୁଷ୍ଠାନିକ ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କୌଶଳ ବିକଶିତ କରିବା ପାଇଁ ଏକ ଜାତୀୟ ମଂଚ ଯୋଗାଇଦେଉଛି। ଉଦ୍‌ଘାଟନୀ ସମାରୋହରେ ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହଟକର ସମ୍ମିଳନୀର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦେଶସାରା ମହିଳାମାନଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଆଗକୁ ନେବା ପାଇଁ ଅଧିକ ସୁଦୃଢ଼ ଏବଂ ନିରନ୍ତର ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏହି ଉଦ୍‌ଘାଟନୀ ସମାରୋହରେ ଜାତୀୟ ମହିଳା ଆୟୋଗର ସଦସ୍ୟ ସଚିବ ଶ୍ରୀ ସୁଦୀପ ଜୈନ, ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦାର୍ସୱାଲ ଏବଂ ମିଶନ ଶକ୍ତିର ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ସମ୍ମିଳନୀରେ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ପଞ୍ଜାବ, ସିକିମ, ତାମିଲନାଡୁ, ତ୍ରିପୁରା, ଉତର ପ୍ରଦେଶ, ଉତରାଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ, ଜାମ୍ମୁ ଓ କାଶ୍ମୀର, ଚଣ୍ଡୀଗଡ଼ ଏବଂ ତେଲେଙ୍ଗାନା ସମେତ ୨୨ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସଚିବ, କମିଶନର, ନିର୍ଦ୍ଦେଶକ ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀର ୨୯ ଜଣ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଛନ୍ତି।

ଶକ୍ତି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳା ସୁରକ୍ଷା ଓ ସଶକ୍ତୀକରଣ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ଆନୁଷ୍ଠାନିକ ସହଯୋଗ ଓ ଆଲୋଚନାକୁ ପ୍ରୋତ୍ସାହିତ କରିବା। ଏହାସହ ନୂତନ ଆହ୍ୱାନଗୁଡ଼ିକର ମୋକାବିଲା ପାଇଁ ସମନ୍ୱିତ ରଣନୀତି ପ୍ରସ୍ତୁତ କରିବା।

## ଚିଙ୍ଗୁଡ଼ି ଡାଲମା



ଆବଶ୍ୟକୀୟ ସାମଗ୍ରୀ : ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ଼, ରସୁଣ, ଅଦା, ପଞ୍ଚଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନ, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ

ପ୍ରସ୍ତୁତି ପ୍ରଣାଳୀ : ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ୍ୟ ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ୍ୟ ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

# ସତ୍ୟକାମଙ୍କ ବ୍ରହ୍ମଜ୍ଞାନ ଗ୍ରହଣ



ସତ୍ୟକାମଙ୍କୁ ୪ଶହ ଦୁର୍ଲ୍ଲଭ ଗାଈ ଦାନ କରି ଋଷି ଗୌତମ କହିଲେ, ଏମାନଙ୍କୁ ବଣକୁ ଚରାଇବାକୁ ନେଇ ଯାଅ । ଏମାନଙ୍କ ସଂଖ୍ୟା ୧ହଜାର ହୋଇଗଲେ ଆଶ୍ରମକୁ ଫେରାଇ ଆଣିବ । ସତ୍ୟକାମ ଗାଇତକ ନେଇ ବଣକୁ ଗଲେ । ସେ ମନପ୍ରାଣ ଦେଇ ଗାଈଙ୍କ ସେବା ଜାରି ରଖିଲେ । ଦିନେ ସେହି ଗାଇପଲ ମଧ୍ୟରୁ ଏକ ଷଣ୍ଢ ଆସି ସତ୍ୟକାମଙ୍କୁ କହିଲା, ଆମ ସଂଖ୍ୟା ଏବେ ଏକ ହଜାର ହୋଇ ଯାଇଛି । ଏବେ ଆମକୁ ନେଇ ଗୁରୁକୁଳରେ ପହଞ୍ଚାଇ ଦିଅ । ସେହି ଷଣ୍ଢ ସତ୍ୟକାମଙ୍କୁ ବ୍ରହ୍ମଜ୍ଞାନର ପ୍ରଥମ ଉପଦେଶ ଦେଲା ଏବଂ କହିଲା, ଜ୍ଞାନର ଦ୍ୱିତୀୟ ଚରଣ ଅଗ୍ନିଦେବ କହିବେ । ସତ୍ୟକାମ ଗାଈଙ୍କୁ ନେଇ ବାହାରିଲେ । ସନ୍ଧ୍ୟାରେ ସେ ବିଶ୍ରାମ ନେବାକୁ ବାହାରିଲେ । ଅନ୍ଧାରରୁ ମୁକ୍ତି ପାଇବା ଲାଗି ସେ ଅଗ୍ନି ପ୍ରଜ୍ୱଳିତ କଲେ । ସେଥିରୁ ଅଗ୍ନି ଦେବ ପ୍ରକଟ ହୋଇ ବ୍ରହ୍ମର ଦ୍ୱିତୀୟ ଉପଦେଶ ଦେଲେ ଏବଂ କହିଲେ ପରବର୍ତ୍ତୀ ଉପଦେଶ ହଂସ ଦେବ । ଦ୍ୱିତୀୟ ଦିନ ସତ୍ୟକାମ ଏକ ଜଳାଶୟ ନିକଟରେ ରହିଲେ । ସେହି ଜଳାଶୟରୁ ଏକ ହଂସ ଆସି ତାଙ୍କୁ ତୃତୀୟ ତଥା ବ୍ରହ୍ମର ଶେଷ ଉପଦେଶ ଦେଲେ । ଏହିଭଳି ପରମାତ୍ମାଙ୍କ ଅନୁଭୂତି ଏବଂ ଏକ ହଜାର ଗାଈ ନେଇ ସତ୍ୟକାମ ଆଶ୍ରମକୁ ଫେରିଲେ । ଆଚାର୍ଯ୍ୟ ଗୌତମ ତାଙ୍କ ତେଜପୂର୍ଣ୍ଣ ଦିବ୍ୟକାନ୍ତି ଦେଖି କହିଲେ ତୁମେ ବ୍ରହ୍ମଜ୍ଞାନୀ ଭଳି ଦେଖା ଯାଉଛ । ସତ୍ୟକାମ ଗତ ଚାରିଦିନର ଘଟଣା ଶୁଣାଇଲେ ଏବଂ କହିଲେ, ମୁଁ ଶୁଣିଛି ଆଚାର୍ଯ୍ୟଙ୍କଠାରୁ ପ୍ରାପ୍ତ ବିଦ୍ୟା ଶ୍ରେଷ୍ଠ ହୋଇଥାଏ । ଆପଣ ମୋତେ ପୂର୍ଣ୍ଣ ଉପଦେଶ ଦିଅନ୍ତୁ । ଆଚାର୍ଯ୍ୟ ପ୍ରସନ୍ନ ହେଲେ ଏବଂ କହିଲେ, ବତ୍ସ ତୁମେ ଯାହା ପ୍ରାପ୍ତ କରିଛ ତାହାହିଁ ବ୍ରହ୍ମତତ୍ତ୍ୱ । ତୁମେ ସେବା ମାର୍ଗରେ ଯାଇ ବ୍ରହ୍ମଜ୍ଞାନୀ ହୋଇପାରିଛ । ଏହି କାହାଣୀ 'ଛାନ୍ଦୋଗ୍ୟ ଉପନିଷଦ୍'ରେ ଉଲ୍ଲେଖ ରହିଛି । ଗୁରୁଙ୍କର ସେବା, ସତ୍ୟ ପ୍ରତି ନିଷ୍ଠା ଏବଂ ଦାୟିତ୍ୱବାନ ହେବା ଲାଗି ଏହି କାହାଣୀ ଆମକୁ ଉପଦେଶ ଦେଇଥାଏ ।

# ବିଦୁର ନୀତି: ଯେସାକୁ ତେସା

ମହାତ୍ମା ବିଦୁର ମହାଭାରତ ସମୟରେ ସବୁଠୁ ବଡ଼ ବୁଦ୍ଧିମାନ ବ୍ୟକ୍ତି ଥିଲେ । ସେ ବୁଦ୍ଧିମାନ ସହ ଦୂରଦର୍ଶୀ ମଧ୍ୟ ଥିଲେ । କୁହାଯାଏ ସମୟ ପୂର୍ବରୁ ଆସିବାକୁ ଥିବା ସଂକଟ ବିଷୟରେ ବିଦୁର ଲୋକଙ୍କୁ ଅବଗତ କରାଇ ଦେଉଥିଲେ । ଆଜି ଆମେ ଆପଣଙ୍କୁ ଏମିତି କିଛି ବିଦୁର ନୀତି ସମ୍ପର୍କରେ କହିବୁ ଯାହାକୁ ଅନୁସରଣ କଲେ ଜୀବନରେ କେବେ କିଛି ସମସ୍ୟା ଆସିବ ନାହିଁ । ବ୍ୟବହାର ବ୍ୟକ୍ତିର ଦର୍ପଣ ହୋଇଥାଏ । ବ୍ୟକ୍ତି କିପରି ତାହା ତାର ବ୍ୟବହାରରୁ ଜଣାଯାଇଥାଏ । ସେ ତାର ବନ୍ଧୁ, ସମ୍ପର୍କୀୟଙ୍କ ସହ କିପରି ବ୍ୟବହାର କରୁଛି ସେଥିରୁ ତାର ବ୍ୟକ୍ତିତ୍ୱ ବିଷୟରେ ଜଣାପଡେ । ମହାଭାରତ ସମୟରେ ମହାତ୍ମା ବିଦୁର ସବୁଠୁ ଜ୍ଞାନୀ ବ୍ୟକ୍ତି ଭାବେ ଜଣାଯାଆନ୍ତି । ମହାତ୍ମାଙ୍କ ଦ୍ୱାରା କୁହାଯାଇଥିବା କଥା ଯୁଗଯୁଗକୁ ପ୍ରେରଣା ହୋଇ ରହିଛି । ବିଦୁର ତାଙ୍କ ନୀତିରେ କହିଛନ୍ତି ଯେ ବ୍ୟକ୍ତି କେଉଁ ପ୍ରକାର ବ୍ୟବହାର କରିବା ଉଚିତ । ମହାତ୍ମା ବିଦୁର କହିଛନ୍ତି ଯେ ବ୍ୟକ୍ତିକୁ ଯେଶାକୁ ତେସା ବ୍ୟବହାର କରିବା ଉଚିତ । ଏହା ବ୍ୟକ୍ତିର ନୀତି ହେବା ଦରକାର । ଭଲ ଲୋକଙ୍କୁ ଭଲ ବ୍ୟବହାର ଓ ଖରାପ ଲୋକଙ୍କୁ ଖରାପ ବ୍ୟବହାର ଦେଖାଇବା ଉଚିତ। ଏମିତି କରିବା ଦ୍ୱାରା ବ୍ୟକ୍ତି ନିଜ ସହ ପରିବାରକୁ ବହୁ ପ୍ରକାର ଅସୁବିଧାରୁ ବଞ୍ଚାଇ ପାରିବେ । କାରଣ ଖରାପ ବ୍ୟକ୍ତି ନା ଆପଣଙ୍କ ଭଲ ଚାହିଁଥାଏ ନା ଆପଣଙ୍କ ପରିବାରର କଲ୍ୟାଣ ଚାହିଁଥାଏ । ସେ ସର୍ବଦା ଆପଣଙ୍କୁ ନିମ୍ନ ଭାବେ ଦେଖାଇବାକୁ ଚାହିଁଥାଏ । ସେହିପରି ଭଲ ବ୍ୟକ୍ତି ଆପଣଙ୍କ ସହ ସମସ୍ତଙ୍କ ଭଲ ଚାହିଁଥାନ୍ତି । ବିଦୁର ତାଙ୍କ ନୀତିବାଣିରେ କହିଛନ୍ତି, ଯେଉଁ ବ୍ୟକ୍ତି ଭରସାର ଯୋଗ୍ୟ ନୁହେଁ ତା ଉପରେ କେବେ ବି ଭରସା କରିବା ଉଚିତ ନୁହେଁ । କାରଣ ଭରସା ଭାଙ୍ଗିଲେ ଅନର୍ଥ ହେବା ସୁନିଶ୍ଚିତ ହୋଇଥାଏ । ତେଣୁ ନିଜର ଗୁପ୍ତ କଥା ଅନ୍ୟ ଆଗରେ କେବେ ବି କହିବା କଥା ନୁହେଁ । ନଚେତ ଆଗରେ ଥିବା ବ୍ୟକ୍ତି ଏହାର ସୁବିଧା ନେଇ ଆପଣଙ୍କୁ ଅସୁବିଧାରେ ପକାଇ ପାରେ । ବିଦୁର ଆହୁରି କହିଛନ୍ତି, ବ୍ୟକ୍ତିକୁ ଧର୍ମ, ଅର୍ଥ ଇତ୍ୟାଦିରେ କେବେ ବି ଭୁଲକଥା କରିବା କଥା ନୁହେଁ । ସର୍ବଦା ସତ୍ୟ କହୁଥିବା ଓ ମିତ୍ର କଥାରେ ବିବାଦରୁ ଦୂରରେ ରହିଥାଏ । ଏହା ସହ ନିଜର ଅନାଦାର ହେଲେ ମଧ୍ୟ ଦୁଃଖ କରିନଥାଏ, ସେପରି ବ୍ୟକ୍ତିକୁ ଶ୍ରେଷ୍ଠ ବ୍ୟକ୍ତି କୁହାଯାଇଥାଏ । କାରଣ ଏପରି ବ୍ୟକ୍ତିଙ୍କ ନିକଟରେ ଧୈର୍ଯ୍ୟ ଓ ବୁଦ୍ଧି ଉଭୟର ଆବଶ୍ୟକ ହୋଇଥାଏ । ବିନା ବୁଦ୍ଧିରେ ଧର୍ମ ପାଳନ କରିବା ଓ ଟଙ୍କା ପଛରେ ଦଉଡିବା ମୂର୍ଖ ବ୍ୟକ୍ତିର କାମ ବୋଲି ବିଦୁର କହିଛନ୍ତି । ଏହା ସହ ଯେଉଁ ବ୍ୟକ୍ତି ଖରାପ ସମୟରେ ମଧ୍ୟ ନିରାଶ ହୋଇନଥାଏ, ଏହାକୁ ଦୃଢ଼ତାର ସହ ସାମନା କରିଥାଏ, ସେ ସୁଖୀ ହୋଇଥାନ୍ତି ।





# ସୌର ଝଡ଼



"ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ। ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ। ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ। ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ। ସୌରପୃଷ୍ଠକୁ 'କରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ଛଅ ହଜାର ଡିଗ୍ରୀ ସେଲ୍‌ସିୟସ। ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ। ଏଣୁ ସୌର କଳଙ୍କ କଳା ଦେଖାଯାଏ।" ସୂର୍ଯ୍ୟ ହେଉଛି ସୌରଜଗତର ମୁଖ୍ୟ। ଏହାକୁ କେନ୍ଦ୍ର କରି ସୌରଜଗତର ସମସ୍ତ ଗ୍ରହ ପରିକ୍ରମଣ କରିଥାଆନ୍ତି। ପୃଥିବୀଠାରୁ ଏହାର ଦୂରତା ହେଉଛି ପ୍ରାୟ ୧୫ କୋଟି କିମି। ଏହାର ତିନି-ଚତୁର୍ଥାଂଶ ଉଦ୍‌ଜାନ ହୋଇଥିବା ବେଳେ ଏକ-ଚତୁର୍ଥାଂଶ ହିଲିୟମ। ସୂର୍ଯ୍ୟ ଯୋଗୁ ପୃଥିବୀରେ ଜୀବଜଗତ ସୃଷ୍ଟି ହୋଇ ତିଷ୍ଠି ରହିଛି। ଏହା ଆମକୁ ଆଲୋକ ଓ ତାପ ପ୍ରଦାନ କରିଥାଏ। ସୌରଶକ୍ତି ସାହାଯ୍ୟରେ ଉଦ୍ଭିଦଜଗତ ଖାଦ୍ୟ ପ୍ରସ୍ତୁତ କରନ୍ତି। ସୂର୍ଯ୍ୟ ଯୋଗୁ ଜଳଚକ୍ର ମାଧ୍ୟମରେ ପୃଥିବୀରେ ବୃଷ୍ଟିପାତ ହୋଇଥାଏ। ମୋଟ ଉପରେ କହିଲେ, ସୂର୍ଯ୍ୟ ହେଉଛି ସକଳ ଶକ୍ତିର ଆଧାର। କିନ୍ତୁ ବେଳେବେଳେ ପୃଥିବୀରେ ସୂର୍ଯ୍ୟର କୁପ୍ରଭାବ ପଡ଼ିଥାଏ। ସୂର୍ଯ୍ୟ ହେଉଛି ଗୋଟିଏ ବୃହତ୍ ତାପୀୟ-ଆଣବିକ ରିଆକ୍ଟର। ସେଠାରେ ଉଦ୍‌ଜାନ ପରମାଣୁର ତାପୀୟ ସଂଯୋଜନ ହୋଇ ହିଲିୟମ୍ ପରମାଣୁ ସୃଷ୍ଟି ହୁଏ ଏବଂ ଏହି ପ୍ରକ୍ରିୟାରେ ପ୍ରଚୁର ଶକ୍ତି ଉତ୍ପନ୍ନ ହୁଏ। ଏହାର ଆଭ୍ୟନ୍ତରୀଣ ତାପମାତ୍ରା ହେଉଛି ପ୍ରାୟ ୧୦ ଲକ୍ଷ ଡିଗ୍ରୀ ସେଲ୍‌ସିୟସ। ଏହାର ଅଭ୍ୟନ୍ତର ମୁଖ୍ୟତଃ ଅତି ଉତ୍ତପ୍ତ ପ୍ଲାଜ୍‌ମା ଗ୍ୟାସ୍‌କୁ ନେଇ ଗଠିତ। ପ୍ଲାଜ୍‌ମାକୁ ପଦାର୍ଥର ଚତୁର୍ଥ ଅବସ୍ଥା କୁହାଯାଏ। ବେଳେବେଳେ ସୂର୍ଯ୍ୟପୃଷ୍ଠରେ କିଛି ଗଣ୍ଡଗୋଳିଆ ଅବସ୍ଥା ସୃଷ୍ଟି ହୋଇ ଏଥିରୁ ପ୍ରଚୁର ପରିମାଣର ଚୁମ୍ବକୀୟ ଶକ୍ତି ବାହାରି ଏହାର ବାହ୍ୟସ୍ତର ଦେଇ ସମସ୍ତ ସୌରଜଗତକୁ ବ୍ୟାପିଥାଏ। ଏହି ଅକସ୍ମାତ୍ ଶକ୍ତି ବିସ୍ଫୋରଣକୁ 'ସୌରଶିଖା' କୁହାଯାଏ। ଏହା ସହିତ ପ୍ରାୟ ପ୍ରତ୍ୟେକ ସମୟରେ କରୋନାରୁ କିଛି ବସ୍ତୁ ମଧ୍ୟ ବାହାରି ଯାଇଥାଏ। ଏହାକୁ 'କୋରୋନା ବସ୍ତୁ' ନିଷ୍କାସନ କୁହାଯାଏ। ଏହି ବସ୍ତୁଗୁଡ଼ିକ ବାସ୍ତବରେ ହେଉଛି ଆୟନୀୟ କଣିକା ପ୍ରୋଟନ। ସୂର୍ଯ୍ୟପୃଷ୍ଠରୁ ତୀବ୍ର ବେଗରେ ନିର୍ଗତ ହେଉଥିବା ଏହି ଶକ୍ତି ଓ କଣିକାକୁ 'ସୌର ଝଡ଼' କୁହାଯାଏ। ଏହା କେତେ ମିନିଟରୁ ଆରମ୍ଭ କରି କେତେ ଘଣ୍ଟା ପର୍ଯ୍ୟନ୍ତ ଘଟିଥାଏ। ଏଥିରେ ବିଲିୟନ ଟନ୍‌ର ବସ୍ତୁତ୍ୱ ଥାଇପାରେ ଏବଂ ଏହା ଘଣ୍ଟା ପ୍ରତି ୮ ଲକ୍ଷରୁ ୫୦ ଲକ୍ଷ ବେଗରେ ଗତି କରିଥାଏ। ସୌର ଝଡ଼ ସାଧାରଣତଃ ସୌର କଳଙ୍କ ସହ ସଂଶ୍ଳିଷ୍ଟ ଥାଏ। ସୌର କଳଙ୍କ ହେଉଛି ସୂର୍ଯ୍ୟପୃଷ୍ଠର କଳା ଅଂଶ ଏବଂ ଏଥିରେ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ଥାଏ। ଗୋଟିଏ ସାଧାରଣ ଆକାରର ସୌର କଳଙ୍କ ପୃଥିବୀ ଭଳି ବଡ଼ ହୋଇପାରେ। ଯେତେବେଳେ ସୂର୍ଯ୍ୟପୃଷ୍ଠ ଦେଇ ଦ୍ରୁତ ଚୁମ୍ବକୀୟ କ୍ଷେତ୍ର ନିର୍ଗତ ହୋଇଥାଏ, ପୃଷ୍ଠର ସେହି ଅଞ୍ଚଳ ସାମାନ୍ୟ ଥଣ୍ଡା ହୋଇଥାଏ। ସୌରପୃଷ୍ଠକୁ 'କରୋନା' କୁହାଯାଏ ଏବଂ ଏହାର ତାପମାତ୍ରା ହେଉଛି ୬ ହଜାର ଡିଗ୍ରୀ ସେଲ୍‌ସିୟସ। ସୌର କଳଙ୍କର ତାପମାତ୍ରା ହେଉଛି ୪୨୦୦ ଡିଗ୍ରୀ ସେଲ୍‌ସିୟସ। ଏଣୁ ସୌର କଳଙ୍କ କଳା ଦେଖାଯାଏ। ସୌର କଳଙ୍କଗୁଡ଼ିକ ଗୋଟିଏ ଜାଗାରେ ସ୍ଥିର ନ ଥାଏ। ପୃଥିବୀରୁ ଦେଖିଲେ ୨୭ ଦିନରେ ଏଗୁଡ଼ିକର ସମ୍ପୂର୍ଣ୍ଣ ଘୂର୍ଣ୍ଣନ ହୋଇଥାଏ।

# ରାତିରେ ୟୁରିକ୍ ଏସିଡ୍ କାହିଁକି ବୃଦ୍ଧି ପାଏ ?

ଶରୀରରେ ପ୍ୟୁରିନ୍ ନାମକ ଏକ ଉପାଦାନ ଭାଙ୍ଗିଗଲେ ୟୁରିକ୍ ଏସିଡ୍ ସୃଷ୍ଟି ହୁଏ। ଏହା ସାଧାରଣତଃ ରକ୍ତରେ ଦ୍ରବୀଭୂତ ହୋଇ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହାର ପରିମାଣ ବୃଦ୍ଧି ପାଏ, ଏହା ସ୍ଫଟିକ ଗଠନ କରି ସନ୍ଧିରେ ଜମା ହୋଇପାରେ । ବିଶେଷକରି ରାତିରେ, ଏପରି ପରିସ୍ଥିତିରେ ଶରୀର ଆମକୁ କିଛି ସଙ୍କେତ ଦିଏ, ଯାହାକୁ ଚିହ୍ନିବା ବହୁତ ଗୁରୁତ୍ୱପୂର୍ଣ୍ଣ।



ସନ୍ଧିରେ ହଠାତ୍ ତୀବ୍ର ଯନ୍ତ୍ରଣା: ଯେତେବେଳେ ୟୁରିକ ଏସିଡ୍ ବୃଦ୍ଧି ପାଏ, ପ୍ରଥମେ ସନ୍ଧିଗୁଡ଼ିକ ପ୍ରଭାବିତ ହୁଏ। ରାତିରେ ଗୋଟିଏ ଗୋଡରେ ହଠାତ୍ ଅସହ୍ୟ ଯନ୍ତ୍ରଣା ଏହାର ଏକ ପ୍ରମୁଖ ଲକ୍ଷଣ ହୋଇପାରେ।

ସନ୍ଧିରେ ଫୁଲା ଏବଂ ଉଷ୍ମତା: ଯଦି ଆପଣ ରାତିରେ ଆଙ୍ଗୁଠି, ଗୋଡ଼ କିମ୍ବା ଆଣ୍ଠୁରେ ହାଲୁକା ଫୁଲା ଏବଂ ଉଷ୍ମତା ଅନୁଭବ କରନ୍ତି, ତେବେ ଏହା ୟୁରିକ ଏସିଡ୍ ସ୍ଫଟିକ ଜମା ହେବାର ଏକ ଲକ୍ଷଣ।

ହାଲୁକା ଜ୍ୱର: ବର୍ଦ୍ଧିତ ୟୁରିକ ଏସିଡ୍ ଶରୀରରେ ପ୍ରଦାହ ବୃଦ୍ଧି କରେ । ଯାହା ଦ୍ୱାରା ହାଲୁକା ଜ୍ୱର, ଅସୁବିଧା କିମ୍ବା ରାତିରେ ଝାଳ ବାହାରିପାରେ।

କମ୍ ପରିସ୍ରା କିମ୍ବା ଜଳାପୋଡ଼ା ଅନୁଭବ: ଶରୀରରୁ ୟୁରିକ୍ ଏସିଡ୍ ପରିସ୍ରା ମାଧ୍ୟମରେ ବାହାରକୁ ବାହାରିଯାଏ, କିନ୍ତୁ ଯେତେବେଳେ ଏହା ବୃଦ୍ଧି ପାଏ, ପରିସ୍ରା କମ୍ ହୋଇପାରେ କିମ୍ବା ପରିସ୍ରା ସମୟରେ ଜଳାପୋଡ଼ା ଅନୁଭବ ହୋଇପାରେ। ଏହି ଲକ୍ଷଣଗୁଡ଼ିକ ରାତିରେ ଅଧିକ ଅନୁଭୂତ ହୋଇପାରେ।

କ୍ଳାନ୍ତି ଏବଂ ଭାରୀ ଅନୁଭବ: ଯଦି ରାତିରେ ପରିଶ୍ରମ ନକରି ମଧ୍ୟ ଶରୀର ଭାରୀ ଅନୁଭବ ହୁଏ କିମ୍ବା ଶୋଇବା ପରେ ମଧ୍ୟ ଆପଣ ସତେଜ ଅନୁଭବ କରନ୍ତି ନାହିଁ, ତେବେ ଏହା ଅଧିକ ୟୁରିକ ଏସିଡ୍ ଯୋଗୁଁ ମେଟାବୋଲିକ୍ ଅସନ୍ତୁଳନର ଲକ୍ଷଣ ହୋଇପାରେ ।

ରାତିରେ ଯନ୍ତ୍ରଣା: ଦିନସାରା ସନ୍ଧିରେ କୌଣସି ଯନ୍ତ୍ରଣା ହୁଏ ନାହିଁ, କିନ୍ତୁ ଯଦି ଏହି ଯନ୍ତ୍ରଣା କେବଳ ରାତିରେ ହୁଏ, ତେବେ ଏହା ୟୁରିକ ଏସିଡର ସମସ୍ୟା।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର, ୧୯ (ମହାଭାରତ):** ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଗୁରୁତ୍ୱପୂର୍ଣ୍ଣ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନାରକାର୍ଯ୍ୟକାରିତା ସଂପର୍କିତ ରାଜ୍ୟସ୍ତରୀୟ ପରିଚାଳନା କମିଟିର ପ୍ରଥମ ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟରେ ଗୁଣାତ୍ମକ ଓ ସମାବେଶୀ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଭିତିଭୂମି ନିର୍ମାଣର ଅଗ୍ରଗତି, ଯୋଜନାର କାର୍ଯ୍ୟାନ୍ୱୟନ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂହ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଏନ୍ ତିରୁମାଲା ନାଏକଙ୍କ ସମେତ କମିଟିର ସଦସ୍ୟ ଥିବା ଅନ୍ୟବିଭାଗୀୟ ପଦାଧିକାରୀମାନେ



ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ରାଜ୍ୟସ୍ତରୀୟ ପରିଚାଳନା କମିଟିର ଭୂମିକା, ଦାୟିତ୍ୱ, ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ନିରୀକ୍ଷଣ ଓ ତଦାରଖ ପାଇଁ ଗଠିତ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ସେଲ୍ ?ରକାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନା କରିଥିଲେ। ବୈଠକରେ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ଆନ୍ତଃବିଭାଗୀୟ ସମନ୍ୱୟ, ନିୟମିତ ଅଗ୍ରଗତି ସମୀକ୍ଷା ଏବଂ ଆବଶ୍ୟକତା ଅନୁଯାୟୀ ନୀତିଗତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାମାନଙ୍କ ଦ୍ୱାରା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟରେ କେତେ ଅଗ୍ରଗତି ହୋଇଛି, ସେ ସଂପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୧୮ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି, ସମୁଦାୟ ୩୨୨ଟି ବିଦ୍ୟାଳୟ ନିର୍ମାଣ ଏହି ଯୋଜନାରେ ସାମିଲ ହୋଇଛି। ବୈଠକରେ ମୁଖ୍ୟ ସଚିବ ବିଭିନ୍ନ ନିର୍ମାଣକାରୀ ସଂସ୍ଥାମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯୋଜନା କାର୍ଯ୍ୟକାରିତାକୁ ଅଧିକ ସଫଳ କରିବା ପାଇଁ ବିଦ୍ୟାଳୟ ଚୟନ ଓ ଭିତିଭୂମି ସମ୍ବନ୍ଧୀୟ କେତେକ ଗାଇଡଲାଇନରେ ସଂଶୋଧନ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। କେତେକ ସ୍ଥାନରେ ଜମିର ଆକାର, ଓସାର ଓ ଭୂମିର ଆକୃତି ଅନୁଯାୟୀ ପୂର୍ବରୁ ଅନୁମୋଦିତ ବର୍ଗାକାର ବିଲ୍ଡିଂ ପ୍ଲାନ୍ କାର୍ଯ୍ୟକାରୀ କରିବା ସମ୍ଭବ ହେଉନଥିବାରୁ ଆୟତାକାର ପ୍ଲାନ୍ ଅନୁମୋଦନ ପାଇଁ ବୈଠକରେ ପ୍ରସ୍ତାବ ଦିଆଯାଇଛି। ଯୋଜନାର କାର୍ଯ୍ୟାନ୍ୱୟନ, ନିରୀକ୍ଷଣ ଓ ଗୁଣାତ୍ମକ ତଦାରଖକୁ ଅଧିକ ସୁଦୃଢ଼ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟସେଲ୍ ?ରେ ଟେକ୍ନିକାଲ୍ ଓ ଏକାଡେମିକ୍ ଏବଂ ପ୍ରଶାସନିକତଥା ଅର୍ଥ ଏବଂ ମାନବ ସମ୍ବଳ ନିୟୋଜନ ଉପରେ ଆଲୋଚନା ହୋଇଛି।

# ଜାତୀୟ ମହାକାଶ ଦିବସ

**ଭୁବନେଶ୍ୱର, ୧୯ (ମହାଭାରତ):** ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ଏ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକଳ୍ପ ଉପରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେବା ସହ ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନଭିତିକ ଅନିସନ୍ଧିତ୍ସୁ ଜାଗ୍ରତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ରାଜ୍ୟରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଶର ହିତରେ ଯେଭଳି ଲାଗିବ, ସେଥି ପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରରେ ଆୟୋଜିତ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ଓରସାକ ଦ୍ୱାରା ରାଜ୍ୟରେ ଚାଷଜମିଠାରୁ ଆରମ୍ଭ କରି ଭୂତଳ ଜଳ ଓ ଖଣିଜ ସମ୍ପଦର ଭଣ୍ଡାର ଓ ଏହାର ପରିମାଣ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଇ ପାରୁଛି। ଆବଶ୍ୟକ ସ୍ଥଳେ ଅନେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ସଞ୍ଚୟ କରାଯାଇ ପାରୁଛି। ଖାଲି ସେତିକି ନୁହେଁ, ରାଜ୍ୟର ଷ୍ଟାର୍ଟଅପ୍ ?ରୁ ଉତ୍ପାଦିତ ଡ୍ରୋନ୍ ଭଳି ବିଭିନ୍ନ ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ରାଜ୍ୟର ବୈଜ୍ଞାନିକମାନେ ଭବିଷ୍ୟତରେ ଏ କ୍ଷେତ୍ରରେ କାର୍ଯ୍ୟ କରି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ରାଜ୍ୟରେ ଏକ ବିଜ୍ଞାନ ଭବନ ଓ ଓରସାକର ନୂତନ କୋଠା ନିର୍ମାଣ ସହ ଜିଆଇଏସ ଲ୍ୟାବ ପ୍ରତିଷ୍ଠା ହେବା ନେଇ ଶ୍ରୀ ପାତ୍ର କହିଥିଲେ। ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରଙ୍କ ସହ ଏନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ଭୂତଳ ଜଳ ସୁରକ୍ଷା ସଂପର୍କିତ ଆଟ୍‌ଲାସ୍, ନିରନ୍ତର ବିକାଶ ଲକ୍ଷ୍ୟ ଓ ଓରସାକ୍ ଶିକ୍ଷାନବିଶ ପୋର୍ଟାଲ ଏବଂ ଓରସାକ ପ୍ରକଳ୍ପ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ଏମଏମଡିଆର ବିଲକୁ ପ୍ରତ୍ୟାହାର ଦାବିରେ ମଶାଲ ଯାତ୍ରା




**ଭୁବନେଶ୍ୱର, ୧୯ (ମହାଭାରତ):** ଓଡ଼ିଶାର ସମ୍ପଦ ଓ ରାଜସ୍ୱ ଲୁଟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାସ ହୋଇଥିବା ଏମଏମଡିଆର-୨୦୨୬ କଳା ଆଇନକୁ ପ୍ରତ୍ୟାହାର ଦାବିରେ ଇଣ୍ଡିଆମେଂଟର ସମସ୍ତ ବିରୋଧି ରାଜନୈତିକ ଦଳ ତରଫରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ ଛକ ଠାରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ କଂଗ୍ରେସ ସମେତ ଇଣ୍ଡିଆମେଂଟର ସମସ୍ତ ରାଜନୈତିଦଳର ନେତୃବୃନ୍ଦ ଅଂଶଗ୍ରହଣ କରି ଏଭଳି ଜନସ୍ୱାର୍ଥ ବିରୋଧି ବିଲକୁ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ରାଜ୍ୟର ସ୍ୱାର୍ଥରକ୍ଷା କରିବା ଦିଗରେ ବିଜେପିର ୨୦ ସାସଂଦ ଓ ଖୋଦ ମୁଖ୍ୟମନ୍ତ୍ରୀ ଚୁପ ରହିବା କ୍ଷୋଭ ଓ ପରିତାପର ବିଷୟ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ। ପରେ ମଶାଲା ରାଲି କରାଯିବା ସହିତ ମୁଖ୍ୟମନ୍ତ୍ରୀ ଓ ବିଜେପିର ୨୦ ସାଂସଦଙ୍କର କୁଶପୁତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସର୍ବଶ୍ରୀ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ଶିବାନନ୍ଦ ରାୟ, ସୁର ଜେନା, ପ୍ରଦୀପ ନାୟକ, ହେମନ୍ତ ବେହେରା, ପ୍ରଭାତ ସାମନ୍ତରାୟ, ସୁରେଶ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମିହିର ଆଚାର୍ଯ୍ୟ ଓ ସୂର୍ଯ୍ୟକାନ୍ତ ଜେନା ପରିଚାଳନା କରିଥିଲେ।

# ତିନି ପ୍ରମୁଖ ସଂସ୍ଥା ସହ ବାଲ୍‌ମିର ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୯ (ମହାଭାରତ):** ଓଡ଼ିଶାରେ ଜଳ ସମ୍ପଦ ପରିଚାଳନାକୁ ଅଧିକ ବୈଜ୍ଞାନିକ, ପ୍ରଯୁକ୍ତିଭିତିକ ଓ ଦକ୍ଷ କରିବା ସହ ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ (ବାଲ୍‌ମି)କୁ ଏକ ଆଧୁନିକ ସେଂଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏହି ଉଦ୍ଦେଶ୍ୟରେ ବାଲ୍‌ମି ପକ୍ଷରୁ ଜାତୀୟ ଜଳ ଏକାଡେମୀ (ଏନଡବ୍ଲ୍ୟୁଏ), ପୁଣେ, ଆଇସିଏଆର-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍), ଭୁବନେଶ୍ୱର ଏବଂ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ (ଓସିସିଏଲ୍)ଙ୍କ ସହ ୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗର ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଅଧ୍ୟକ୍ଷତା କରିଥିଲେ। ଜାତୀୟ ଜଳ ଏକାଡେମୀ ପକ୍ଷରୁ ମୁଖ୍ୟ ଯନ୍ତ୍ରୀ ଓ୍ୱସୀମ ଅଶରଫ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗର ନ୍ୟାସନାଲ ଓ୍ୱାଟର ଏକାଡେମୀ (ଏନ୍‌ଡବ୍ଲ୍ୟୁଏ), ପୁଣେ ସହ ଏହି ସହଯୋଗ ମାଧ୍ୟମରେ ଯୁଗ୍ମ ଓ ଆବଶ୍ୟକତାଭିତିକ ପ୍ରଶିକ୍ଷଣ, ଜ୍ଞାନ ଆଦାନ-ପ୍ରଦାନ ଏବଂ ଜଳ ସମ୍ପଦ ପରିଚାଳନାରେ ସମକାଳୀନ ପଦ୍ଧତି ସମ୍ପର୍କରେ ଅଭିଜ୍ଞତା ହାସଲ ଉପରେ ଗୁରୁତ୍ୱ ଦିଆଯିବ। ଏହା ମାଧ୍ୟମରେ




ବାଲ୍‌ମି ଏନ୍‌ଡବ୍ଲ୍ୟୁଏର ଜାତୀୟସ୍ତରୀୟ ବିଶେଷଜ୍ଞତା, ବିଶେଷ ପ୍ରଶିକ୍ଷଣ ସମ୍ବଳ ଓ ଶ୍ରେଷ୍ଠ ଅଭ୍ୟାସ ସମ୍ପର୍କିତ ଅଭିଜ୍ଞତାର ଲାଭ ଉଠାଇପାରିବ। ଆଇସିଏଆ-ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ନିର୍ଦ୍ଦେଶକ ଭାବେ ଡ. ଏ. ସାରଙ୍ଗୀ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ସହଯୋଗ ମାଧ୍ୟମରେ ଗବେଷଣା, ପ୍ରଯୁକ୍ତି ଓ କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବ। କୃଷି ଜଳ ପରିଚାଳନା, ଜଳ ବ୍ୟବହାର ଦକ୍ଷତା ଓ ଜଳବାୟୁ-ସହନଶୀଳ ସେଚନ ବ୍ୟବସ୍ଥା ସମ୍ପର୍କିତ ଆଇସିଏର୍ର-ଆଇଆଇଡବ୍ଲ୍ୟୁଏମ୍ ର ବିଶେଷଜ୍ଞତା ଓ ନବୀନ ପ୍ରଯୁକ୍ତିରୁ ବାଲ୍‌ମି ଲାଭାନ୍ୱିତ ହେବ। ଏଥିରେ ଆଇଓଟି ଓ ସେନ୍ସର୍ ଆଧାରିତ ଜଳ ପରିଚାଳନା, ସଠିକ୍ ସେଚନ ବ୍ୟବସ୍ଥା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ପ୍ରୟୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି ସହଯୋଗ ମାଧ୍ୟମରେ ବାଲ୍‌ମିକୁ ଏକ ସେଂଟର ଅଫ୍ ଏକ୍ସଲେନ୍ସ ଭାବେ ବିକଶିତ କରିବା ପାଇଁ ଏହାର ଭୌତିକ ଭିତିଭୂମିର ଉନ୍ନତି ଓ ସୁଦୃଢ଼ୀକରଣ କରାଯିବ। ଏଥିରେ ପ୍ରଶିକ୍ଷଣ ଓ ଏକାଡେମିକ୍ ସୁବିଧା, ହଷ୍ଟେଲ, ଅଡିଟୋରିୟମ୍, ସମ୍ମିଳନୀ କକ୍ଷ ଓ ପାଠାଗାରର ଆଧୁନିକୀକରଣ, ଅଡିଓ-ଭିଜୁଆଲ୍ ସୁବିଧା ସମ୍ପନ୍ନ ଶ୍ରେଣୀଗୃହ, ସମଗ୍ର କ୍ୟାମ୍ପସ୍ ରେ ଓ୍ୱାଇ-ଫାଇ ସଂଯୋଗ ଏବଂ ନୂତନ ୧୦୦-ସିଟ୍ ବିଶିଷ୍ଟ ହଷ୍ଟେଲ୍ ନିର୍ମାଣ ଅନ୍ତର୍ଭୁକ୍ତ। ଏହି ଅବସରରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ମଧ୍ୟରେ ଇଂ. ଦିଲ୍ଲୀପ କୁମାର ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ; ଇଂ. ବିଘ୍ନରାଜ ପୁରୋହିତ, ସର୍ବୋଚ୍ଚ ଯନ୍ତ୍ରୀ, ଏସ୍ ଆଣ୍ଡ୍ଏମ୍; ଇଂ. ନିରଞ୍ଜନ ରାଉତ, ସର୍ବୋଚ୍ଚ ଯନ୍ତ୍ରୀ, ପ୍ରୋକ୍ୟୁରମେଂଟ ଇଂ. ପୂର୍ଣ୍ଣଚନ୍ଦ୍ର ରଥ, ସର୍ବୋଚ୍ଚ ଯନ୍ତ୍ରୀ, ଆଇଡି; ଇଂ. ଅବିନାଶ ରାଉଳ, ସର୍ବୋଚ୍ଚ ଯନ୍ତ୍ରୀ, ଇଂଟର ଷ୍ଟେଟ୍‌ସ; ଇଂ. ବୈଜିନାଥ ହେମ୍ବ୍ରମ, ନିର୍ଦ୍ଦେଶକ, ବାଲ୍‌ମି; ଏବଂ ସୁବ୍ରତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ। ସହଯୋଗୀ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଓ୍ୱସୀମ ଅଶରଫ, ଚିଫ୍ ଇଞ୍ଜିନିୟର ଓ ମୁଖ୍ୟ, ଏନ୍‌ଡବ୍ଲ୍ୟୁଏ, ପୁଣେ; ଚୈତନ୍ୟ କେ. ଏସ୍, ନିର୍ଦ୍ଦେଶକ, ଏନ୍‌ଡବ୍ଲ୍ୟୁଏ; ଡ. ଅର୍ଜମଦ ସାରଙ୍ଗୀ, ନିର୍ଦ୍ଦେଶକ, ଆଇସିଏଆ-ଆଇଆଇଡବ୍ଲ୍ୟୁଏମ୍; ଡ. କାଳିକିଙ୍କର ବନ୍ଦୋପାଧ୍ୟାୟ, ପ୍ରିନ୍ସିପାଲ ସାଇଂଟିଷ୍ଟ, ଆଇସିଏଆର-ଆଇଆଇଡବ୍ଲ୍ୟୁଏମ୍; ଏବଂ ଇଂ. ଶରତ ଚନ୍ଦ୍ର ଘଡ଼େଇ, ଜେନେରାଲ୍ ମ୍ୟାନେଜର, ଓସିସିଏଲ୍ ଉପସ୍ଥିତ ଥିଲେ।

# ଏମ୍ସରେ ପ୍ରତିଷ୍ଠା ହେବ ସ୍କିନ୍ ବ୍ୟାଙ୍କ ଏବଂ ଟିସୁ ପ୍ରତିରୋପଣ ୟୁନିଟ

**ଭୁବନେଶ୍ୱର, ୧୯ (ମହାଭାରତ):** ଏମ୍ସ ଭୁବନେଶ୍ୱର ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ଏହାର ଗୌରବମୟ ଏକ ଦଶନ୍ଧି ଯାତ୍ରା ପୂରଣ କରିଛି। ଶଲ୍ୟଚିକିତ୍ସା, ନବସୃଜନ, ତାଲିମ ଏବଂ ଶୈକ୍ଷିକ ଉତ୍କର୍ଷତାର ଦଶନ୍ଧି ଧରି ଚାଲିଥିବା ଯାତ୍ରାରେ ଏହି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ଏନେଇ ବିଭାଗ ପକ୍ଷରୁ ଚଳିତ ମାସ ୨୧ ଏବଂ ୨୨ ରେ ଅର୍ଥପୂର୍ଣ୍ଣ ଜାତୀୟ ସିଏମ୍ଇ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଯାତ୍ରାକୁ ପାଳନ କରିଛି। ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରୁ ଖ୍ୟାତନାମା ଶଲ୍ୟ ଚିକିତ୍ସକମାନେ ଏହି ଦୁଇଦିନିଆ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ 'ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତରେ ମାଧ୍ୟମିକ ପ୍ରକ୍ରିୟା' ଉପରେ ଲାଇଭ୍ ସର୍ଜରୀ ମଧ୍ୟ ସ୍ଥାନ ପାଇଥିଲା। କ୍ରମାଗତ ଭାବେ ୧୦ ଟି ଲାଇଭ୍ ସର୍ଜିକାଲ୍ ପ୍ରଦର୍ଶନ ଦେଶରେ ରେକର୍ଡ କରିଛି। ଯାହାକି ସର୍ବଭାରତୀୟ କ୍ଷେତ୍ରରେ ଦୃଷ୍ଟି ଆକର୍ଷଣ କରିପାରିଛି।

ଏହି ବିଭାଗ ଗତ ଦଶ ବର୍ଷ ମଧ୍ୟରେ ୭ ହଜାରରୁ ଅଧିକ ପୁନଃନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ କରିଛି। ଯେଉଁଥିରେ ୫ଶହରୁ ଅଧିକ ମାଇକ୍ରୋସର୍ଜରୀ, ୩ଶହରୁ ଅଧିକ ବ୍ରାଚିଆଲ୍ ପ୍ଲେକ୍ସସ୍ ଆଘାତ ପୁନଃନିର୍ମାଣ, ତିନି ଶହ ଜନ୍ମଗତ ଅସଙ୍ଗତି ସଂଶୋଧନ, ଦୁଇ ଶହ ସ୍ମାଇଲ୍ ଟ୍ରେନ୍ କ୍ଲେଫ୍ଟ ଲିପ୍ ଏବଂ ପାଲେଟ୍ ଅସ୍ତ୍ରୋପଚାର, ଅଢ଼େଇ ଶହରୁ ଅଧିକ ଆର୍ବିଏସକେ ମାମଲା ଏବଂ ପ୍ରାୟ ୩ ହଜାର ଜରୁରୀକାଳୀନ ଚିକିତ୍ସା ମାମଲା ଅନ୍ତର୍ଭୁକ୍ତ। ବୃଦ୍ଧି ପାଉଥିବା



ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସବସ୍ପେଶାଲିଟି କ୍ଲିନିକ୍ ପ୍ରତିଷ୍ଠା କରିବା, ସିମୁଲେସନ୍-ଆଧାରିତ ଶଲ୍ୟଚିକିତ୍ସା ତାଲିମକୁ ସୁଦୃଢ଼ କରିବା, ହାଇପରବାରିକ୍ ଅକ୍ସିଜେନ୍ ଥେରାପିକୁ ବିସ୍ତାର କରିବା, ହାତ ପ୍ରତିରୋପଣ ଆରମ୍ଭ କରିବା ଏବଂ ଏକ ଚର୍ମ ବ୍ୟାଙ୍କ ଏବଂ ଟିସୁ ପ୍ରତିରୋପଣ ୟୁନିଟ୍ ପ୍ରତିଷ୍ଠା କରିବାର ଯୋଜନା ରଖିଛି। ଏହି ବର୍ଣ୍ଣ ସେଣ୍ଟର୍କୁ ଏକ ଉତ୍କର୍ଷ କେନ୍ଦ୍ର ଭାବରେ ବିକଶିତ କରିବା ହେଉଛି ଏକ ପ୍ରମୁଖ ଉଦ୍ଦେଶ୍ୟ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ବର୍ଣ୍ଣ ସେଂଟରର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଭାଗ ଆହୁରି ଅନେକ ମାଇଲଖୁଂଟ ହାସଲ କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ସାରା ଭାରତରୁ ୧୦୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ର ଏବଂ ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏମ୍ସ ଭୁବନେଶ୍ୱର ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ଡ. ସଞ୍ଜୟ କୁମାର ଗିରିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ମନସ୍ୱିନୀ ମଙ୍ଗରାଜ, ଡ. ପ୍ରଭାସ ରଞ୍ଜନ ତ୍ରିପାଠି, ମେଡିକାଲ ଅଧୀକ୍ଷକ, ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, ଡିଡିଏ ଏମ୍ସ ଭୁବନେଶ୍ୱରଙ୍କ ସମତେ ଡ. ପ୍ରବୀଣ ଭରଦ୍ୱାଜ, ଡ. ଆର. ଶ୍ରୀକାନ୍ତ, ଏବଂ ଡ. ବିନାୟକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କ ପାଇଁ ବେଦାନ୍ତ ପକ୍ଷରୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର, ୧୯ (ମହାଭାରତ):** ଦୁର୍ଗମ ଗ୍ରାମରେ ରହୁଥିବା ପରିବାରଗୁଡ଼ିକ ପାଇଁ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବା ଅନେକ ସମୟରେ ଏକ ଆହ୍ୱାନ ହୋଇ ରହିଛି। ଦୀର୍ଘ ପଥ ଯାତ୍ରା, ସୀମିତ ପରିବହନ ଏବଂ ବିଶେଷଜ୍ଞ ସେବାର ଅନୁପସ୍ଥିତି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା କ୍ଷେତ୍ରରେ ବିଳମ୍ବ କରିପାରେ, ବିଶେଷ କରି ଗର୍ଭବତୀ ମା', ଶିଶୁ ଏବଂ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ। ବେଦାନ୍ତ ଆଲୁମିନିୟମରେ, ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠୀ କଲ୍ୟାଣ ଦୀର୍ଘ ଦିନ ଧରି ଏହାର ବିକାଶ ପ୍ରୟାସର କେନ୍ଦ୍ରବିନ୍ଦୁ ହୋଇ ରହିଛି। ଲାଞ୍ଜିଗଡ଼ରେ ଏହି ଅଞ୍ଚଳର ସବୁଠାରୁ ବିଶ୍ୱସନୀୟ ସ୍ୱାସ୍ଥ୍ୟସେବା ପରିବେଶ ସୃଷ୍ଟି କରିବାର ଅଭିଜ୍ଞତାକୁ ଆଧାର କରି କମ୍ପାନୀ ପ୍ରାଥମିକ ଯତ୍ନ, ଜରୁରୀକାଳୀନ ପ୍ରତିକ୍ରିୟା, ବିଶେଷଜ୍ଞ ପରାମର୍ଶ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପଦକ୍ଷେପକୁ ସମନ୍ୱିତ କରୁଥିବା ଏକ ସାମଗ୍ରିକ ଆଭିମୁଖ୍ୟ ମାଧ୍ୟମରେ ରାୟଗଡ଼ା ଏବଂ କଳାହାଣ୍ଡିର ସିଜିମାଳି ଏବଂ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହାର ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରସାରକୁ ବିସ୍ତାର କରୁଛି। ୨୦୨୬ ମସିହା ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ବେଦାନ୍ତର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମ୍ଏଚୟୁ) ରାୟଗଡ଼ା ଏବଂ କଳାହାଣ୍ଡି ଅଞ୍ଚଳରେ ୨୨୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟସେବାକୁ ସିଧାସଳଖ ଦୁର୍ଗମ ଅଞ୍ଚଳର ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇଥିଲା। ରାୟଗଡ଼ାରେ ୮୫ଟି ଏମ୍ଏଚୟୁ ଶିବିର ୨୫୫୮ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିବା ବେଳେ କଳାହାଣ୍ଡିରେ ୧୪୦ଟି ଶିବିର ଅନେକ ସମ୍ବେଦନଶୀଳ ଗାଁର ୨୯୩୬ ଲୋକଙ୍କୁ ଉପକୃତ କରିଛି। ମିଳିତ ଭାବେ, ଏହି ପ୍ରୟାସଗୁଡ଼ିକ ୫୪୯୪ ରୋଗୀମାନଙ୍କୁ ଡାକ୍ତରୀ ପରାମର୍ଶ, ମୌଳିକ ନିଦାନ ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଥିଲା, ଯାହା ଗ୍ରାମୀଣ ପରିବାର ପାଇଁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିଥିଲା।

# ରାଜ୍ୟର ସମ୍ପଦ ଲୁଟ ହେଉଥିବା ବେଳେ ପାଟି ଖୋଲୁନି ରାଜ୍ୟ ସରକାର: ବିଜେଡି

**ଭୁବନେଶ୍ୱର, ୧୯ (ମହାଭାରତ):** ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି। ଯାହାକି ଓଡିଆ ଅସ୍ମିତା ପ୍ରତି କୁଠାରଘାତ କରିବା ସଦୃଶ୍ୟ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ନାମରେ ନାମିତ ଉକ୍ତ ବିମାନ ବନ୍ଦର ଦେଶର ପ୍ରମୁଖ ଓ ଲାଭନ୍ୱିତ ବିମାନ ବନ୍ଦର। ବର୍ଷକୁ ୨୦୦କୋଟିରୁ ଉର୍ଦ୍ଧ୍ୱ ଲାଭ ହେବା ସହ ୫୦ଲକ୍ଷ ଲୋକେ ଯାତାୟାତ କରିଥାନ୍ତି। ତେବେ ଏହାକୁ ଘରୋଇ କରଣ କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଇଂରେଜ ମାନଙ୍କ ଭଳି ଶାସନ କରି ରାଜ୍ୟର ସମ୍ପତିକୁ ବିକ୍ରି କରିବାକୁ ଯୋଜନା କରୁଛନ୍ତି। ଏଥିରେ ଆହୁରି ନିବେଶ କରି ବିକାଶ କରିବା ବଦଳରେ ବିଜେପି ସରକାର ବିମାନବନ୍ଦରକୁ ପିପିପି ମୋଡରେ ଘରୋଇ ସଂସ୍ଥା ହାତକୁ ଟେକି ଦେଇଛନ୍ତି। ଡବଲ ଇଞ୍ଜିନ ସରକାର ଓଡ଼ିଶା ପାଇଁ କାଳ ସାଜିଛନ୍ତି। ରାଜ୍ୟର ସମସ୍ତ ସମ୍ପଦକୁ ଲୁଟିବା ପାଇଁ କେନ୍ଦ୍ରର ବିଜେପି ସରକାର ଯୋଜନା କରୁଥିବା ବେଳେ ରାଜ୍ୟର ବିଜେପି ସରକାର ଏଜେଣ୍ଟ ସାଜି ତାହାକୁ ସମର୍ଥନ ଜଣାଉଛନ୍ତି।



ଓଡ଼ିଶାର ଅନେକ କ୍ଷତି ହେଉଥିଲେ ସୁଦ୍ଧା କେନ୍ଦ୍ର ସରକାରଙ୍କ ସମ୍ମୁଖରେ ରାଜ୍ୟ ସରକାର ଚୁପ ରହୁଛନ୍ତି। ଏମଏମଡିଆର ଆକ୍ଟ ଯୋଗେ ରାଜ୍ୟର ଖଣିକୁ ବିକ୍ରି କରିଛନ୍ତି। ବିଭିନ୍ନ ବନ୍ଦର ଗୁଡିକ ଘରୋଇ କମ୍ପାନୀ ମାନଙ୍କ ହାତକୁ ଟେକି ଦେଇଛନ୍ତି। ଜାତୀୟ ରାଜପଥ ଗୁଡ଼ିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାପରେ ବିଜେପି ସରକାରଙ୍କ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ଲୋଲୁପ ଦୃଷ୍ଟି ପଡ଼ିଛି। ବିମାନବନ୍ଦର ସହିତ ୫୦ବର୍ଷ ପାଇଁ ଘରୋଇ କରଣ କରିଛନ୍ତି। ଏନେଇ ବିଜେପି ସରକାରଙ୍କୁ କିଏ ଅଧିକାର ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ଗରିବ ରାଜ୍ୟ କରିବା ପାଇଁ ବିଜେପି ସରକାର ଯୋଜନାବଦ୍ଧ ଭାବେ ଲାଗି ପଡିଛନ୍ତି। ଏନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ୨୦ଜଣ ବିଜେପି ସାଂସଦ, ରାଜ୍ୟସଭା ସାଂସଦ ମାନେ ଜାଣି ସୁଦ୍ଧା ଚୁପ ବସିବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି। ଉକ୍ତ ନିଷ୍ପତିକୁ ବିଜେପି ସରକାର ଯଦି ରଦ୍ଦ ନକରନ୍ତି ତେବେ ବିଜେଡି ପକ୍ଷରୁ ଘୋର ବିରୋଧ କରି ଆନେ୍ଦାଳନ କରାଯିବ ବୋଲି ଡ. ସାମନ୍ତସିଂହାର କହିଛନ୍ତି।

# ନୂଆଦିଲ୍ଲୀରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସମ୍ମିଳନୀ

**ଭୁବନେଶ୍ୱର, ୧୯ (ମହାଭାରତ):** ସ୍କାଉଟସ୍ ଏବଂ ଗାଇଡସ ସମ୍ମିଳନୀ ଜାତୀୟ ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଦକ୍ଷୀଣ ଏସିଅ ଜାତୀୟ ସ୍କାଉଟ ସଂଗଠନ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇ ଦିନିଆ ସମ୍ମିଳନୀ ଦକ୍ଷିଣ ଏସିଆର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ କମିଶନରଙ୍କୁ ଏକତ୍ରିତ କରି ଆ□ଳିକ ସହଯୋଗ, ବନ୍ଧୁତା ଏବଂ ସହଭାଗିତାକୁ ସୁଦୃଢ଼ କରିବା ଏବଂ ଏହି କ୍ଷେତ୍ରରେ ସ୍କାଉଟିଂର ସହଭାଗୀ ପ୍ରାଥମିକତାକୁ ଆଗକୁ ବଢ଼ାଇବା ପାଇଁ ଅନୁଷ୍ଠିତ ହୋଇଛି। ଡଃ. କେ.କେ. ଖଣ୍ଡେଲଓ୍ୱାଲ, ଜାତୀୟ ମୁଖ୍ୟ କମିଶନରଙ୍କ ଅଧ୍ୟକ୍ଷତା ଓ ଦୂର ଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁ□ ଏବଂ ସଂଗଠନ ପାଇଁ ଗର୍ବର ବିଷୟ। ବ□ମାନ ଶ୍ୱବବଭଣ୍ଟକ୍ସ ସଚିବାଳୟ ଭାବରେ ମଧ୍ୟ କାର୍ଯ୍ୟ କରୁଛି। ଯାହା ଭାରତ ସଂସ୍ଥାଗତ ନେତୃତ୍ୱ ଏବଂ ଆ□ଳିକ ସ୍କାଉଟିଂରେ ଅବଦାନକୁ ଆହୁରି ମଜବୁତ କରୁଛି। ଏହି




ସଂଗଠନର ଭୂମିକା ଦକ୍ଷୀଣ ଏସୀୟ ସ୍କାଉଟ ସଂଗଠନ ଗୁଡିକୁ ନିକଟତର କରିବା ଏବଂ ଅଧିକ ସହଯୋଗ, ପାରସ୍ପରିକ ବୁଝାମଣା ଏବଂ ସାମୂହିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଉଦ୍‌ଘାଟନୀ ଉତ୍ସବରେ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ମୁଖ୍ୟ ଜାତୀୟ କମିଶନର ତଥା ଅବସରପ୍ରାପ୍ତ ଆଇଏଏସ ଡଃ. କେ.କେ. ଖଣ୍ଡେଲଓ୍ୱାଲ, ଶ୍ରୀ ଏମ.ଏ. ଖାଲିଦ୍, ଅତିରିକ୍ତ ମୁଖ୍ୟ ଜାତୀୟ କମିଶନର ଓ ମହାସଚିବ, ଶ୍ରୀ ମଧୁସୂଦନ ଆଭାଲା, ପରାମର୍ଶଦାତା ଜାତୀୟ ସ୍କାଉଟ ସଂଗଠନ ଏବଂ ବିଶ୍ୱ ସ୍କାଉଟ ଆନ୍ଦୋଳନ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଖାଉଟିଙ୍କ ଉପରେ ଚିନିର ବୋଝ

ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ହେତୁ ସାଧାରଣ ଖାଉଟୀଙ୍କ ଉପରେ ଚିନିର ବୋଝ ପଡ଼ିଛି। ଇଥାନଲ ଏବେ ଚିନିକୁ ପିତା କରି ଦେଇଛି। ଦେଶରେ ପ୍ରତିବର୍ଷ କୃଷି ଉତ୍ପାଦନ ବଢୁଛି। ଅଧିକାଂଶ ଖାଦ୍ୟ ଉତ୍ପାଦନରେ ଭାରତ ସ୍ୱାବଲମ୍ବୀ ହୋଇପାରିଛି। ନିଜର ଚାହିଦାକୁ ମେଣ୍ଟାଇ ଆମେ ବିଦେଶକୁ ପ୍ରଚୁର ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛୁ ଏବଂ ଏହା ମାଧ୍ୟମରେ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନ କରି ଏଥିରେ ବିଦେଶରୁ ଅନ୍ୟ ସାମଗ୍ରୀ ଆମଦାନୀ କରିପାରୁଛୁ। ଗୋଟିଏ ବାକ୍ୟରେ କହିଲେ ଭାରତର ଅର୍ଥନୀତି ଅନେକାଂଶରେ କୃଷି ବିକାଶ ଉପରେ ନିର୍ଭରକରୁଛି। ଏହା ହିଁ ଆମ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମେରୁଦଣ୍ଡ। ଏଥିପାଇଁ କରୋନା ମହାମାରୀ, ଦୁଇ ଦୁଇଟି ବଡ଼ ଯୁଦ୍ଧ ସତ୍ତ୍ୱେ ଭାରତର ଆର୍ଥିକ ସ୍ଥିତି ଦୋହଲିଯାଇନି କିମ୍ବା ଲୋକେ ଖାଇବାକୁ ନପାଇ ଭୋକରେ ଛଟପଟ ହୋଇନାହାଁନ୍ତି। ଛଅ ବର୍ଷ ହେଲା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି। ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି। ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସତ୍ତ୍ୱେ ଦେଶର ଅତି ଉତ୍କଟ ଦାରୀଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରୁ ଚାଉଳ ଓ ଗହମ ରପ୍ତାନୀ ବୃଦ୍ଧି ପାଇଛି। ଯେଉଁମାନେ ୟୁକ୍ରେନରୁ ଗହମ କିଣୁଥିଲେ ସେମାନେ ଏବେ ଭାରତରୁ ଗହମ ନେବାକୁ ଆଗଭର ହେଉଛନ୍ତି। ଇଜିପ୍ଟ ଭାରତକୁ ଗହମ ଯୋଗାଣକାରୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛି। ତେବେ କେବଳ ଚାଉଳ ବା ଗହମ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ହେବ ନାହିଁ, ଅନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ତେଣୁ ଭାରତରେ ଖାଇବା ତେଲ ଦର ବୃଦ୍ଧି ପାଇଛି। କେବଳ ଭାରତ ନୁହେଁ, ଅନ୍ୟ ଦେଶରେ ମଧ୍ୟ ସମାନ ପରିସ୍ଥିତି। ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ତେବେ ଭାରତରେ ଯଦିଓ ଖାଦ୍ୟ ସାମଗ୍ରୀର ଅଭାବ ନାହିଁ କିନ୍ତୁ ଦରବୃଦ୍ଧି ଅସହ୍ୟ ହେଲାଣି। ଖାଇବା ତେଲର ଦର ୩୫% ବଢ଼ିଛି। ଚିନି ଦର ୪୦% ବଢ଼ିଛି। ଚିନି ଉତ୍ପାଦନରେ ଭାରତ ଅଗ୍ରଣୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏହାର ଦରବୃଦ୍ଧି ବିସ୍ମୟଜନକ। ସେପଟେ ପନିପରିବା ଦର ମଧ୍ୟ ଆକାଶ ଛୁଆଁ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ବୃଦ୍ଧି ପାଇଛି। ଏହି କାରଣରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ତଥା ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇଛି। ଏବେ ଆଳୁ ଭଳି ଏକ ନିହାତି ଅତ୍ୟାବଶ୍ୟକ ପରିବା ଦର ସ୍ୱାଭାବିକ ସ୍ତରଠାରୁ ୫୦% ଅଧିକ ହୋଇଛି। ଆଳୁ-ପିଆଜ ଉତ୍ପାଦନରେ ଭାରତ ଆତ୍ମନିର୍ଭରଶୀଳ। ଏଠାରେ ଚାହିଦା ମୁତାବକ ଉତ୍ପାଦନ ହେଉଛି ଏବଂ ବିଦେଶକୁ ମଧ୍ୟ ରପ୍ତାନୀ କରାଯାଉଛି। ଅନେକ ସମୟରେ ମାତ୍ରାଧିକ ରପ୍ତାନୀ ମଧ୍ୟ ଦରବୃଦ୍ଧିର କାରଣ ହୋଇଥାଏ। ତେବେ ଏହା ଦ୍ୱାରା କୃଷକମାନେ ଭଲ ରୋଜଗାର କରିବାର ସୁଯୋଗ ପାଇଥାନ୍ତି। ତା ଅର୍ଥ ନୁହେଁ ଯେ, ଦେଶରେ ଏହାର ଦରବୃଦ୍ଧି ପାଇବ। ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଦରବୃଦ୍ଧିକୁ ରୋକିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ। ସମ୍ପ୍ରତି ଆଳୁ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଗରିବ ଲୋକଙ୍କ ପାଇଁ ବିଶେଷ କରି ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଆମେ ବର୍ଷକରେ ୪୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରି ବାହାଦୁରୀ ମାରୁଛୁ। କିନ୍ତୁ ଏହା ସହିତ ଆମଦାନୀ ମଧ୍ୟ ବଢୁଛି। ତେଣୁ ୨୦୨୧-୨୨ରେ ଦେଶର ବାଣିଜ୍ୟିକ ନିଅଣ୍ଟ ବା ଟ୍ରେଡ ଡେଫିସିଟ ରେକର୍ଡ ସ୍ତରରେ ପହଞ୍ଚିଛି।

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା


॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥


> “ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ତ୍ରୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪


# ସତ୍ୟନାରାୟଣ ପାଲାରେ ଶ୍ରୀଜଗନ୍ନାଥ


॥ ଅଲେଖ ଚନ୍ଦ୍ର ସାମଲ ॥


ଶ୍ରୀଜଗନ୍ନାଥ ହେଉଛନ୍ତି ହିନ୍ଦୁମାନଙ୍କର ଧର୍ମଧାରଣା, ଚିନ୍ତା ଓ ଚେତନାର ପ୍ରାଣବିନ୍ଦୁ । ହିନ୍ଦୁ ମାନଙ୍କର ଉଜ୍ଜ୍ୱଳ କାମନା ପୂରଣ ନିମିତ୍ତ ଅର୍ଚ୍ଚନାରେ ମଧ ସେଇ ମହାପ୍ରଭୁଙ୍କର ପ୍ରଭୁତ୍ୱ ଅନୁଭୂତ ହୋଇଥାଏ । ବହୁ ପ୍ରାଚୀନ କାଳରୁ ‘ସତ୍ୟନାରାୟଣ’ ପୂଜା ପଦ୍ଧତି ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସ୍କନ୍ଧ ପୁରାଣର ରେବାଖଣ୍ଡରେ ‘ସତ୍ୟନାରାୟଣ’ଙ୍କ ପ୍ରସଙ୍ଗ ଚାରିଗୋଟି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି । ଏହି ପୁରାଣରେ ପ୍ରଦତ୍ତ ମତ ଅନୁଯାୟୀ ସତ୍ୟନାରାୟଣ ନିଜ ପୂଜା ସମ୍ବନ୍ଧରେ ନାରଦଙ୍କୁ ନାରଦ ଶୁକଦେବଙ୍କୁ ଓ ଶୁକ ନୈମିଷ୍ୟାରଣ୍ୟରେ ସନକାଦି ମୁନୀ ମାନଙ୍କୁ କହିଥିଲେ । ସ୍କନ୍ଧ ପୁରାଣର ବର୍ଣ୍ଣିତ ସତ୍ୟନାରାୟଣ ପୂଜା କଥାକୁ ଅନୁଧାନ କଲେ ଜଣାଯାଏ ଯେ କାମନା ପୂରଣ ପାଇଁ ସତ୍ୟନାରାୟଣ ପୂଜା ଏକ ଫଳପ୍ରଦ ମାଧ୍ୟମ ଅଟେ । ତାଙ୍କରି ଆଶୀର୍ବାଦର ସୁଖ, ସମ୍ପଦ, ସନ୍ତାନ, ସୌଭାଗ୍ୟ ପ୍ରଭୃତ ପ୍ରାପ୍ତି ହୋଇଥାଏ । ସ୍କନ୍ଧ ପୁରାଣର ରେବାଖଣ୍ଡରେ କୁହାଯାଇଛି –‘ଯସ୍ମିନ୍ କସ୍ମିନ୍ ଦିନେ ମର୍ତ୍ତ୍ୟୋ ଭକ୍ତି ଶ୍ରଦ୍ଧା ସମନ୍ୱିତଃ, ସତ୍ୟନାରାୟଣଂ ଦେବଂ ଯଜେତ୍ ତୁଷ୍ଟୋ ନିଶାମୁଖେ, ପ୍ରସାଦ ଭକ୍ଷୟେତ ଭକ୍ତ୍ୟା ନୃତ୍ୟାଗୀତାଦିଙ୍କ ଚରେତ ଏବଂ କୃତ୍ୱା ମନୁଷ୍ୟାଣାଂ ବାଞ୍ଛାସିଦ୍ଧି ଭବେତ୍ ଧ୍ରୁବମ୍’ ।।

କାଳକ୍ରମେ ସତ୍ୟନାରାୟଣଙ୍କ ମୁହଁ ମୁସଲମାନ ମାନଙ୍କର ‘ପୀର’ ଶବ୍ଦ ମିଳିତ ହୋଇ ସତ୍ୟପୀର ଶବ୍ଦ ଓ ଦେବତାଙ୍କର ମହିମା ପ୍ରସାରିତ ହେଲା । ମିଛ ଦୁନିଆରେ ‘ନାରାୟଣ’ ହିଁ ଏକମାତ୍ର ସତ୍ୟ ଏବଂ ସତ୍ୟ ମଧ୍ୟରେ ହିଁ ତାଙ୍କର ସ୍ୱରୂପ ପ୍ରକଟିତ ହୋଇଥାଏ । ପରାସୀ ଭାଷାରେ ‘ପୀର’ ଶବ୍ଦ ଅଲୌକିକ ଶକ୍ତି ସମ୍ପନ୍ନ ଧର୍ମ ପ୍ରତିଷ୍ଠାତାଙ୍କୁ ବୁଝାଇଥାଏ । ‘ନାରାୟଣ’ ଓ ଧର୍ମ ପ୍ରତିଷ୍ଠାତା ଉଭୟ ଦୃଷ୍ଟିକୋଣରୁ ଚିନ୍ତା କଲେ ରୂପେ ବିଦିତ । ‘ହୟଶୀର୍ଷ ପଞ୍ଚରାତ୍ର’ ମତରେ ବିଷ୍ଣୁ ପୌଷ ମାସରେ ‘ନାରାୟଣ’ ଭାବେ ପୂଜିତ ହୁନ୍ତି । ବିଷ୍ଣୁ ଓ ଜଗନ୍ନାଥ ଅଭିନ୍ନ ସତ୍ତା ହୋଇଥିବାରୁ ଜଗନ୍ନାଥଙ୍କୁ ନାରାୟଣ ରୂପେ ଗ୍ରହଣ କରି ନେବାରେ ଶାସ୍ତ୍ରିୟ ଦ୍ୱନ୍ଦ ସୃଷ୍ଟି ହୁଏ ନାହିଁ । ନୀଳାଦ୍ରି ମହୋଦୟରେ ଜଗନ୍ନାଥଙ୍କୁ ନାରାୟଣ ରୂପେ ବର୍ଣ୍ଣନା କରାଯାଇ କୁହାଯାଇଛି – ‘ଜଗନ୍ନାଥ ନମସ୍ତେଽସ୍ତୁ ଜଗତାଂ ପତୟେ ନମଃ, ନାରାୟଣ ଜଗଦ୍ଧାମ ଶ୍ୟାମ ସୁନ୍ଦର ରମ୍ୟପତେ ।’ ବାମଦେବ ସଂହିତାରେ ଜଗନ୍ନାଥଙ୍କର ନାରାୟଣ ସ୍ୱରୂପ ସଂପର୍କରେ କୁହାଯାଇଛି – ‘ଯୋଽୟଂ ନାରାୟଣେଶ କେବଃ ସତ୍ତିହଂ ନିଳ କନ୍ଦରଃ, ମାୟା ବିଚାର୍ଯ୍ୟଚିତେ ନାହଂ କରୋମି ଚ କରୋତି ସଃ ।।’

‘ପୀର’ ଶବ୍ଦର ଅର୍ଥ ମଧ୍ୟରେ ଜଗନ୍ନାଥଙ୍କର ରୂପକୁ ଚିନ୍ତା କରାଯାଏ । ଧର୍ମ ପ୍ରତିଷ୍ଠାକୁ ପ୍ରାଧାନ୍ୟ ଦେଇ ଶ୍ରୀକୃଷ୍ଣ ରୂପି ଜଗନ୍ନାଥ ଗୀତାରେ କହିଛନ୍ତି ‘ଯଦା ଯଦାହି ଧର୍ମସ୍ୟ... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମୀ ଯୁଗେ ଯୁଗେ । ନାରାୟେଣ ଏବଂ ଧର୍ମ ପ୍ରତିଷ୍ଠାତା ଭାବେ ଗୃହିତ ଜଗନ୍ନାଥ ସତ୍ୟନାରାୟଣ ଓ ସତ୍ୟପୀର ଭାବରେ ପ୍ରତିଭାତ ହୁଅନ୍ତି । ପାଲା ପୃଷ୍ଟ ଭୂମୀରେ ଇତିହାସ ଅନୁଧାନ କଲେ ସତ୍ୟପୀର, ନାରାୟଣ ବା ବିଷ୍ଣୁ ଏକ ଦେବତା ଭାବେ କାଳକ୍ରମେ ହିନ୍ଦୁ ମୁସଲମାନ ଉଭୟ ସଂପ୍ରଦାୟଙ୍କ ଦ୍ୱାରା ପୂଜିତ ହେଲେ । ଜଗନ୍ନାଥ, ବିଷ୍ଣୁ ହୋଇଥିବାରୁ ସତ୍ୟନାରାୟଣ ପାଲାରେ କାମନା ପୁରାଣକାରୀ ଦେବତା ଭାବରେ ଗୃହୀତ ହେଲେ । କବି କର୍ଣ୍ଣ ‘ମଦ୍ଦାରାହୀ’ ଓ ଜନ୍ମ ପାଲାରେ ଜଗନ୍ନାଥଙ୍କ ଏବଂ ସତ୍ୟପୀର ଏକ ଦେବତା ବୋଲି ସତ୍ୟପୀରଙ୍କ ଦ୍ୱାରା ପ୍ରକାଶ କରିଛନ୍ତି । ଯଥା – ଆମି ସେହି ଦେବତା ଅଲେଖ ନିରାକାର ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ରସାତଳେ କରଇ ଆମାର ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆଉ ହିନ୍ଦୁ ମୁସଲମାନ ସବୁ କରି ଏକାକାର ରାମ ରହିମାନ ଜାନ କୋରାଣ ପୁରାନେ ଦେଖିବ କେମନ ରୂପ ମାନେ କି ନମାନେ ଦାରିଆତେ ଦାରୁବ୍ରହ୍ମ ରୂପେତ ଭାସେନ ପଦ୍ମଫୁଲ ରୂପ ହଇଆ ସତ୍ୟନାରାୟଣ ବଉଧ ରୂପ ତେ ନୀଳାଚଳେ ବିଜେ କରି ପତିତ ପାବନ ରୂପେ ପତିତ ଉଦ୍ଧାରୀ ।

ନୃତ୍ୟ ନାରାୟଣ ପାଲାରେ ଗଣେ, ନାରାୟଣେ, ରୁଦ୍ରେ, ଅମ୍ବିକେ, ଭାସ୍କର, ପ୍ରଭୃତି ପଞ୍ଚଦେବତା ପୂଜା ସମ୍ପାଦିତ ହୋଇଥାଏ । ଏହି ଜଗନ୍ନାଥ ପଞ୍ଚଦେବତାଙ୍କର ସମ୍ମିଳିତ ବିଗ୍ରହ ଅଟନ୍ତି । ଜଗନ୍ନାଥଙ୍କୁ ଗଣେଶ ବୋଲି କହିବାର ଅଭିପ୍ରାୟ ଏହି ଯେ, ଜଗନ୍ନାଥ ସମସ୍ତ ଜ୍ଞାନର ଶ୍ରଷ୍ଟା ଅଟନ୍ତି । ଗଣେଶଙ୍କ ପରି ସେ ମଧ ଜ୍ଞାନଦାତା ଅଟନ୍ତି । ଏଣୁ ଭାଗବତ୍‌ରେ ଉଲ୍ଲେଖ ଅଛି – ‘ତୁ ଯାକୁ ହୁଅଇ ସଦୟ, ଜ୍ଞାନ ତା ଉଦରୁ ଉଦର ।’ ସ୍ନାନପୂର୍ଣ୍ଣିମାରେ ସ୍ନାନ ମଣ୍ଡପରେ ଗଣେଶଙ୍କ ଭକ୍ତ ଗଣପତି ଭଟ୍ଟଙ୍କୁ ଶ୍ରୀଜଗନ୍ନାଥ ଗଜାନନ ବେଶରେ ଦର୍ଶନ ଦେଇ କୃତାର୍ଥ କରିଥିଲେ । ଦାଢ଼୍ୟତା ଭକ୍ତିରେ ଗଣପତି ଭଟ୍ଟଙ୍କର ଚିନ୍ତାଧାରା ବର୍ଣ୍ଣନା କରି ଭକ୍ତ ରାମଦାସ ଲେଖିଛନ୍ତି – ‘ଦେଖିଲେ ପ୍ରଭୁ ଭଗବାନ ହୋଇ ଅଛନ୍ତି ଗଜାନନ, ଲମ୍ବି ଅଛନ୍ତି ଥୋର ହସ୍ତ ଶୋଭା ଦିଶଇ ଏକବନ୍ତ, ଅଦ୍ଭୁତ ବିଶ୍ୱରୂପ ଧରି ଭୃତ୍ୟକୁ ଡାକୁଛନ୍ତି ହରି, ଏହା ଶୁଣିଣ ମହାଯଦି ବୋଲେ ନମସ୍ତେ ଗଣପତି’ । ଗଣପତି ଭଟ୍ଟ ନିଜର ଭୁଲ ବୁଝିପାରି ଜଗନ୍ନାଥଙ୍କୁ ନମସ୍କାର କରି ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଧାରଣ କରିବା ନିମିତ୍ତ ପ୍ରାର୍ଥନା କରିଥିଲେ । ଭକ୍ତର ପ୍ରାର୍ଥନା ରକ୍ଷାକରି ପ୍ରତ୍ୟେକ ବର୍ଷ ସ୍ନାନବେଦିରେ ଶ୍ରୀଜଗନ୍ନାଥ ଶ୍ରୀଗଣେଶ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇ ନିଜର ଗଣେଶ ସ୍ୱରୂପ ପ୍ରମାଣ କରିଛନ୍ତି । ବିଷ୍ଣୁ ଶ୍ରୀଜଗନ୍ନାଥ ଓ ଶିବତତ୍ତ୍ୱ ଏକ ତଥା ଅଭିନ୍ନ ଅଟନ୍ତି । ଯେ ରୁଦ୍ର ସେ ସ୍ୱୟଂ ବିଷ୍ଣୁ । ଯେ ବିଷ୍ଣୁ ସେହି ପୁଣି ଶିବ ବା ରୁଦ୍ର । ପବନ ଆକାଶ ମଧ୍ୟରେ ଯେପରି ପ୍ରଭେଦ ନାହିଁ, ସେହିପରି ବିଷ୍ଣୁ ଓ ରୁଦ୍ରଙ୍କ ମଧ୍ୟରେ ପ୍ରଭେଦ ନାହିଁ । ବ୍ରହ୍ମ ପୁରାଣ ମତରେ – ‘ଯୋ ରୁଦ୍ରଃ ସଃ ସ୍ୱୟଂବିଷ୍ଣୁଃ ସ ମହେଶ୍ୱରଃ, ଉଭୟୋ ରନ୍ତରଂ ନାସ୍ତି ପବନା କାଶୟୋରିବ’ । ଜଗନ୍ନାଥ କେବଳ ଗଣେଶ, ନାରାୟଣ ଓ ରୁଦ୍ର ନୁହଁନ୍ତି, ଜଗନ୍ନାଥ ମଧ ଦୁର୍ଗା ଅଟନ୍ତି । ମହାନିର୍ବାଣ ତନ୍ତ୍ର ପ୍ରମାଣ କରେ – ‘ତାରା ସାକ୍ଷାତ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ, ନିଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ ଦକ୍ଷିଣ କାଳିକା’ । ଏହା ବ୍ୟତୀତ ଜଗନ୍ନାଥଙ୍କୁ ଭାସ୍କର ଅର୍ଥାତ୍ ସୂର୍ଯ୍ୟ ରୂପେ ବିବେଚନା କରାଯାଇଛି । କାରଣ ଶ୍ରୀଜଗନ୍ନାଥଙ୍କର ଶ୍ରୀଅଙ୍ଗରେ ନବଗ୍ରହମାନଙ୍କର ଅବସ୍ଥାନ ପରିକଳ୍ପନା କରାଯାଇଛି ଏବଂ ଜଗନ୍ନାଥଙ୍କର ନେତ୍ରକୁ ସୂର୍ଯ୍ୟ ବା ଭାସ୍କର ରୂପେ ପରିକଳ୍ପିତ ହୋଇଛି । ଶାସ୍ତ୍ରରେ କୁହାଯାଇଛି – ଚନ୍ଦ୍ର, ସୂର୍ଯ୍ୟ ଯେ ବେନିନେତ୍ରେ, ମଙ୍ଗଳ ସ୍ଥିତି ନାଶା ଫୁଟେ । ଗୀତାରେ ନିଜର ସ୍ୱରୂପ ବ୍ୟକ୍ତକରି ଶ୍ରୀକୃଷ୍ଣ କହିଛନ୍ତି ‘ଆଦିତ୍ୟାନା ମହଂ ବିଷ୍ଣୁ ଜ୍ୟୋତିଷାଂ ରବି ରଂଶୁମାନ, ମରୀଚି ର୍ମରୁତା ମସ୍ମି ନକ୍ଷତ୍ରାଣାମହଂ ଶଶି’୧୦/୨୧ ଏହି ଶ୍ଳୋକରୁ ପ୍ରତ୍ୟୟମାନ ହୁଏ ଯେ ଉଜ୍ଜ୍ୱଳ ବସ୍ତୁମାନଙ୍କ ମଧ୍ୟରେ କିରଣମୟ ସୂର୍ଯ୍ୟ ଅଟନ୍ତି । ଏହା ବ୍ୟତୀତ ଦୀନକୃଷ୍ଣ ଦାସଙ୍କ କରଚିତ ରସକଲ୍ଲୋଳତ୍ତ କାବ୍ୟରେ ବର୍ଣ୍ଣିତ ଅଛି – କମ୍ବୁକଣ୍ଠେ କଉସ୍ତୁଭ ମଣି ନାୟକ, କଳୁଷ ଅନ୍ଧାରକୁ ଦିନ ନାୟକ । ଏହି ପରି ଭାବେ ଶ୍ରୀଜଗନ୍ନାଥଙ୍କୁ ପଞ୍ଚଦେବତାଙ୍କର ସମ୍ମିଳିତ ରୂପ ଭାବେ ଚିନ୍ତା କରାଯାଇଛି ଏବଂ ଶାସ୍ତ୍ରରେ କୁହାଯାଇଛି ‘ଜଗନ୍ନାଥଃ ସ୍ୱୟଂ ବିଷ୍ଣୁଃ ବଳଭଦ୍ରଃ ତ୍ରିଲୋଚନଃ, ଭଦ୍ରାଦେବୀ ପରା ସାକ୍ଷାତ ମାଧବୋ ଗଣଦୈବତଃ, ଚକ୍ରତେଜୋମୟଃ ସୂର୍ଯ୍ୟଃ ଯଜ୍ଞ ଦେବଂ ସ୍ମରାମ୍ୟହମ୍’ । ଭକ୍ତ କବି ଜଗନ୍ନାଥ ଦାସଙ୍କ ଲିଖିତ ସତ୍ୟନାରାୟଣ ଭାଗବତ ପାଲା, ଜଗନ୍ନାଥଙ୍କର ସତ୍ୟନାରାୟଣ ସ୍ୱରୂପ ସ୍ପଷ୍ଟ ଭାବେ ପ୍ରମାଣିତ କରିଥାଏ । ଏହି ପାଲାରେ ଉଲ୍ଲେଖ ଅଛି – ‘ନମଇଁ ଗୋବିନ୍ଦ ଚରଣ-ଅନାଦି ପ୍ରଭୁ ନାରାୟଣ, ଭକ୍ତ ନିମନ୍ତେ ଜନ୍ମପାଉ-ଧରନ୍ତି ନାନା ରୂପେ ଦେହି ଦୁଷ୍ଟ ନିବାରୀ ସନ୍ଥପାଳି-ଭକତ ବନ୍ଧୁ ବନମାଳୀ, ନିଜ ଭୁବନେ ଅବଧାନ-ହୋଇଲା କଳି ଆଗମନ, ବଉଧ ରୂପେ ନରହରି-ବିଜୟ କଲେ ନୀଳଗିରି, ସେ କାଳେ ସତ୍ୟନାରାୟଣ-ହୋଇଲେ ପ୍ରଭୁ ଭଗବାନ ।’


ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩


# ‘ଅମାବାସ୍ୟାର ଚନ୍ଦ୍ର’ର ସ୍ରଷ୍ଟା


॥ ବାଦଲ ଭୂୟାଁ ॥


ଯିଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌ଙ୍କୁ ସମର୍ପି ଦେଉଛି’ – ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତ୍ତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ।

ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ ‘ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ।

କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସ୍ଟ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି। ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ।

ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ – ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ। କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ଼୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।


ପ୍ରତିଷ୍ଠାତା ସମ୍ପାଦକ ‘ସିଂହଭୂମ’, ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## କେନ୍ଦ୍ରାପଡାରେ ନିର୍ମାଣ ହେବ ଜାହାଜ ନିର୍ମାଣ ଏବଂ ହେଭି ଇଣ୍ଡଷ୍ଟ୍ରିଜ୍ ପାର୍କ



ପାରାଦୀପ, (ମହାଭାରତ) : ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଜାହାଜ ନିର୍ମାଣ ବିକାଶ ଯୋଜନା (ଏସବିଡିଏସ) ଅଧୀନରେ ଜାତୀୟ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାର୍କ, ଓଡ଼ିଶା ଲିମିଟେଡ (ଏନଏସଆଇପିଏଲ) ନୀତିଗତ ଅନୁମୋଦନ ପାଇଛି। ପ୍ରସ୍ତାବିତ ପ୍ରକଳ୍ପଟି ଓଡ଼ିଶାର କେନ୍ଦ୍ରାପଡ଼ାରେ ମହାନଦୀ କୂଳରେ ଅବସ୍ଥିତ, ଯାହା ରାଜ୍ୟର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏନଏସଏଚଆଇପିଓଏଲ ଜୁଲାଇ ୩୦, ୨୦୨୬ ରେ ଅନନ୍ୟ ଆବେଦନ ନମ୍ବର ଜିଓ୍ୱାଇ୭୦୦୦୧୦ ଅଧୀନରେ ଏହାର ଆବେଦନ ଦାଖଲ କରିଥିଲା। ଜାହାଜ ନିର୍ମାଣ ବିକାଶ ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରସ୍ତାବର ବିସ୍ତୃତ ବିଚାର ପରେ, ସକ୍ଷମ ପ୍ରାଧିକରଣ ଅଗଷ୍ଟ ୧୦,୨୦୨୬ ରେ ନୀତିଗତ ଅନୁମୋଦନ ପ୍ରଦାନ କରିଥିଲେ। ଏହି ଅନୁମୋଦନ ସେହି ଦିନ ଅନୁଷ୍ଠିତ ଜାତୀୟ ଜାହାଜ ନିର୍ମାଣ ମିଶନର ଆନ୍ତଃ-ମନ୍ତ୍ରାଳୟ ଗୋଷ୍ଠୀ ଜାହାଜ ନିର୍ମାଣ ସଂସ୍ଥା ର ଷଷ୍ଠ ବୈଠକର ନିର୍ଦ୍ଦେଶାବଳୀ ଅନୁସରଣ କରେ। ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପି.ଏଲ.ହରନାଦ କହିଛନ୍ତି, 'ନୀତିଗତ ଅନୁମୋଦନ ଓଡ଼ିଶାର ସାମୁଦ୍ରିକ ବିକାଶ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାର୍କ ଜାହାଜ ନିର୍ମାଣ କ୍ଷମତାକୁ ସୁଦୃଢ଼ କରିବ, ନିବେଶକୁ ଆକର୍ଷିତ କରିବ, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଏହି ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପର ବିକାଶକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ରଖିଛି।' ପରବର୍ତ୍ତୀ ପର୍ଯ୍ୟାୟର ଏକ ଅଂଶ ଭାବରେ, ଏନଏସଏଚଆଇପିଓଏଲ ପ୍ରସ୍ତାବିତ ଜାହାଜ ୟାର୍ଡ ? ର ଭିତ୍ତିଭୂମି, ଜାହାଜର ନିର୍ଦ୍ଦିଷ୍ଟକରଣ, ପୁଞ୍ଜି ନିବେଶ, ଡ୍ରେଜିଂ ଏବଂ ବ୍ରେକୱାଟର ଆବଶ୍ୟକତା ଏବଂ ଆର୍ଥିକ ମଡେଲକୁ ଅନ୍ତର୍ଭୁକ୍ତ କରି ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବ। ପ୍ରକଳ୍ପଟି ପରିବେଶଗତ ମଞ୍ଜୁରୀ, ଉପକୂଳ ନିୟନ୍ତ୍ରଣ କ୍ଷେତ୍ର ଅନୁମତି ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ମଞ୍ଜୁରୀ ସମେତ ଆବଶ୍ୟକୀୟ ବୈଧାନିକ ଅନୁମୋଦନ ହାସଲ କରିବା ଦିଗରେ ମଧ୍ୟ ଅଗ୍ରଗତି କରିବ। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏନଏସଏଚଆଇପିଓଏଲ ଏହାର ପ୍ରସ୍ତାବ, ଡିପିଆର, ବୈଧାନିକ ମଞ୍ଜୁରୀ ଏବଂ ନିବେଶ ପ୍ରତିଶ୍ରୁତି ସହିତ, ଚୂଡ଼ାନ୍ତ ଅନୁମୋଦନ ପାଇଁ ଦାଖଲ କରିବ। ପ୍ରସ୍ତାବିତ ପାର୍କ ଜାହାଜ ନିର୍ମାଣ ଏବଂ ଭାରୀ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଉଭା ହେବ, ଯାହା ଶିଳ୍ପ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ ଏବଂ ଓଡ଼ିଶାର ବ୍ୟାପକ ସାମୁଦ୍ରିକ ଏବଂ ଉପକୂଳ ଅର୍ଥନୀତିକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି।

## ଚିଲିଶଙ୍ଖାରେ ମାଗଣା ଚକ୍ଷୁ ପରୀକ୍ଷା କେନ୍ଦ୍ର ଉଦ୍ଘାଟିତ

ଲକ୍ଷ୍ମୀପୁର, (ମହାଭାରତ): ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଚିଲିଶଙ୍ଖାଠାରେ JYOTI MARG Education and Charitable Trust ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା କେନ୍ଦ୍ରର ଶୁଭ ଉଦ୍ଘାଟନ କରାଯାଇଛି। ଲକ୍ଷ୍ମୀପୁର ବିଧାୟକ ଶ୍ରୀ ପବିତ୍ର ସାଉଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାଉଁତା ଅଞ୍ଚଳବାସୀଙ୍କ ପାଇଁ ଏଭଳି ମାଗଣା ଚକ୍ଷୁ ପରୀକ୍ଷା ସେବା ଉପଲବ୍ଧ ହେବାକୁ ପ୍ରଶଂସା କରିଥିଲେ। ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ନିକଟସ୍ଥ ସ୍ଥାନରେ ଚକ୍ଷୁ ପରୀକ୍ଷାର ସୁବିଧା ପାଇପାରିବେ ବୋଲି କୁହା ଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଅଞ୍ଚଳବାସୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ଏହି ସେବା ଆରମ୍ଭକରାଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ଲୋକଙ୍କୁ ଚକ୍ଷୁ ସମ୍ବନ୍ଧୀୟ ସେବା ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି। ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି।

## ମାଣ୍ଡୁକା ଛକରେ ଲଗିଲା କନଭେକ୍ସନ ମିରର

ବାଲିଚନ୍ଦ୍ରପୁର ୧/୯()ବଡ଼ଚଣା ବ୍ଲକ ମାଣ୍ଡୁକା ଛକ ନିକଟରେ ଲାଗିଛି ଆଉ ଏକ କନଭେକ୍ସନ ମିରର, ପ୍ରକାଶଥାଉକି କୃଷ୍ଣଦାସପୁର୍ - ରତ୍ନଗିରି ରାସ୍ତା ଏବଂ ବରୁଆଁ - ବାଲିଚନ୍ଦ୍ରପୁର ରାସ୍ତାର ସଂଯୋଗ ସ୍ଥଳୀ ର ମାଣ୍ଡୁକା ଠାରେ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ଘଟୁଥିଲା, ସେଠାରେ କିପରି ଦୁର୍ଘଟଣା ରୋକାଯାଇ ପାରିବ ସେଥିପାଇଁ ମାଣ୍ଡୁକା ଗ୍ରାମର ଯୁବ ସାମାଜ ସେବୀ କୈବଲ୍ୟ ଓ ସାଥୀ ମାନେ ବଡ଼ଚଣାର ବିଭିନ୍ନ ଅଞ୍ଚଳରେ ଏହି ମିରର ଲଗାଇ ଥିବା ପ୍ରସନ୍ନ କୁମାର ସାମଲ ମେମୋରିଆଲ ଟ୍ରଷ୍ଟ କୁ ଯୋଗାଯୋଗ କରି ଉକ୍ତ ସ୍ଥାନରେ ଏକ ମିରର ଲଗାଇ ବା ପାଇଁ ଅନୁରୋଧ କରିଥିଲେ, ଯୁବକ ମାନଙ୍କ ଅନୁରୋଧ ରକ୍ଷା କରି ଟ୍ରଷ୍ଟର ସଭାପତି ପୂର୍ବତନ ବିଧାୟକ ମାନ ଗୋବିନ୍ଦ ସାମଲଙ୍କ ନାତି ଇଂ ଆଶୁତୋଷ ସାମଲ ଯିଏକି କାନାଡ଼ା ରେ ରହନ୍ତି ଏବେ ସେ ଛୁଟି ରେ ନିଜ ଗ୍ରାମ କଳାଶ୍ରୀ ରେ ଅଛନ୍ତି, ସେ ନିଜେ ମାଣ୍ଡୁକା ଛକକୁ ଯାଇ ସେଠାରେ ଆବଶ୍ୟକତା କୁ ଉପଲବ୍ଧି କରିଥିଲେ, ତେବେ ସୋମବାର ଟ୍ରଷ୍ଟ ର ସଦସ୍ୟ ମାନଙ୍କୁ ନେଇ ଆଶୁତୋଷ ନିଜେ ଉପସ୍ଥିତ ରହି ମିରର ସ୍ଥାପନା କରିଛନ୍ତି, ଆଶୁତୋଷଙ୍କ ଏହି କାର୍ଯ୍ୟ ପାଇଁ ମାଣ୍ଡୁକା ସମେତ କୃଷ୍ଣଦାସପୁର୍, ଅଣକା, ପଦ୍ମନାଭପୁର୍, ଭୂଲୁକା, ଗଡ଼ଜିତ୍, ଦକ୍ଷୀଣକୂଳ, ଅରେଇକଣା ଆଦି ଗ୍ରାମବାସୀ ମାନେ କୃତଜ୍ଞତା ଜଣାଇଛନ୍ତି।

## ନୂଆଁଖାଇ ପାଇଁ ଏକଜୁଟ ୨ ଖଣ୍ଡ ଗାଁ ୮୦୦ ପରିବାର ର ୫୦୦୦ ଲୋକ

ପାଟଣାଗଡ, (ମହାଭାରତ): ଆଗକୁ ଆସୁଛି ପଶ୍ଚିମ ଓଡିଶାର ଗଣପର୍ବ ନୁଆଁଖାଇ ଏହି ପର୍ବ ଏକ ଭାଇଚାରା ଏବଂ ଏକତାର ପର୍ବ ହୋଇଥିବା ରୁ ବର୍ତମାନ ଠାରୁ ବିଭିନ୍ନ ଗ୍ରାମରେ ଦେଖିବାକୁ ଲାଗିଲାଣି ପ୍ରସ୍ତୁତି ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ଧୁମାଭଟା ପଞ୍ଚାୟତ ଜଲିଆ ଓ ଡାହିମାଲ ଗ୍ରାମରେ ନୁଆଁଖାଇ ପାଇଁ ବର୍ତମାନ ଠାରୁ ଚଲଚଞ୍ଚଳ ଗ୍ରାମରେ ସାମୁହିକ ନୁଆଁଖାଇ ଆୟୋଜନ ହେଉଥିବାରୁ ନୁଆଁଖାଇ ପୁର୍ବ ପାଳନ ପାଇଁ ଲାଗିଗଲେଣି ଗ୍ରାମବାସି । ଏକତା ର ପର୍ବ ନୁଆଁଖାଇ ପାଳନ ପାଇଁ ୨ ଖଣ୍ଡ ଗାଁ ଜଲିଆ ଓ ଡାହିମାଲ ଗ୍ରାମର ପ୍ରାୟ ୮୦୦ ପରିବାର ୨୦ ପ୍ରକାର ଜାତିର ୫୦୦୦ ଲୋକ ଏକାଠି ନୁଆଁଖାଇ ବାର ପରମ୍ପରା ରହିଛି ସେହି ପରମ୍ପରା ଅନୁଯାଇ ଆଜି ଜଲିଆ ଗ୍ରାମରେ ସବୁ ଜାତି ବର୍ଗ ସମାଜ କୁ ନେଇ ଗ୍ରାମରେ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ଗ୍ରାମର ମୁଖିଆ ଗୌନ୍ତିଆ ଓ ଝାଙ୍କର ଙ୍କ ଅନୁମତି କ୍ରମେ ଆରମ୍ଭ ହେଇଥିଲା ସଭାକାର୍ଯ୍ୟ ସଭା କ୍ଷ କାର୍ଯ୍ୟସଭାରେ ସର୍ବ ସମ୍ମତି କ୍ରମେ ଗ୍ରାମବାସି ଏକାଠି ହୋଇ ନୁଆଁଖାଇବା ପାଇଁ ନିଷ୍ପତ୍ତି ନେଇଥିଲେ ତା ସହ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ଆଗାମୀ ୫ ତାରିଖ୍ ଠିକ୍ ସେଭଳି ଭାବରେ ଡାହିମାଲ ଗ୍ରାମରେ ନୁଆଁଖାଇ ପାଇଁ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୦ ତାରିଖ୍ ଦିନ ଗ୍ରାମର ଦେବା ଦେବି ବରଣ ,ନୁଆଁ ଧାନ କୁରେପତର ସଂଗ୍ରହ କାର୍ଯକ୍ରମ ରହିଛି। ନୁଆଁଖାଇ ପାଇଁ ସାରା ପଶ୍ଚିମ ଓଡ଼ିଶା ରେ ବିଭିନ୍ନ ପ୍ରକାର ପ୍ରସ୍ତୁତି ଆରମ୍ଭ ହେଇ ଯାଉଥିବା ବେଳେ ଜଲିଆ-ଡାହିମାଲ ଗ୍ରାମର ନୁଆଁଖାଇ ପ୍ରସ୍ତୁତି ଥାଏ ସ୍ୱତନ୍ତ୍ର ଓ ନୁଆଁରା ଗ୍ରାମର ନୁଆଁଖାଇ ବୈଠକରେ ଗ୍ରାମ ଗୌନ୍ତିଆ ଲଳିତ ମୋହନ ବୁଡ଼େକ ,ହେମସାଗର ବରିହା ,ସିପୁନ ଖମାରୀ ,ଲଳିତ ମୋହନ ରାଉତ, ଡିଙ୍ଗର ରାଉତ ପ୍ରମୁଖ ସାମିଲ ରହି ଥିଲେ ।

## ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ଭାଷା ବ୍ୟବହାର ଅଭିଯୋଗ, ଜଣେ ଗିରଫ

ପାଟଣାଗଡ ( ମହାଭାରତ ) ସୋସିଆଲ୍ ମିଡିଆ ହ୍ୱାଟ୍ସଆପ ଗ୍ରୁପ୍‌ରେ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ବାର୍ତ୍ତା ପଠାଇବା ସହ ଧମକ ଦେବା ଅଭିଯୋଗରେ ଖପ୍ରାଖୋଲ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ପୁଲିସ ର ସୂଚନା ଅନୁଯାୟୀ, ଗମ୍ଭାରୀ ଗ୍ରାମର ରାମରଞ୍ଜନ ଓରଫ ନୀଳ ପାଣିଗ୍ରାହୀ ବୟସ ୫୦ ହେବ ଅଭିଯୋଗ କରିଛନ୍ତି ଯେ, ଉମାକାନ୍ତ ଗଡ଼ତ୍ୟାଙ୍କ ଦ୍ୱାରା "ଏବଙ୍କଭକ୍ଷବକ୍ସସ ଏଚ ଐବକ୍ଷ ଉକ୍ଷବକ୍ଷ" ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ ତିଆରି କରା ଯାଇଥିଲା । ଉକ୍ତ ଗ୍ରୁପ୍‌ରେ ଅଭିଯୋଗକାରୀଙ୍କୁ ନେଇ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ବାର୍ତ୍ତା ପ୍ରେରଣ କରା ଯାଇଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଗତ ୦୨.୦୮.୨୦୨୬ ରାତି ପ୍ରାୟ ୮ଟା ୩୦ମିନିଟ୍ ସମୟରେ ନୀଳ ପାଣିଗ୍ରାହୀ ଏଭଳି ଅଶ୍ଳୀଳ ଭାଷାରେ



ବାର୍ତ୍ତା ପଠାଇବାର କାରଣ ପଚାରିଥିଲେ । ଏହା କୁ ନେଇ ଉମାକାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ କରିବାକୁ ଉଦ୍ୟମ କରିଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏନେଇ ଅଭିଯୋଗକାରୀ ଗତ ୩୧.୦୮.୨୦୨୬ ତାରିଖ ଦିନ ୧୧ଟା ୪୫ମିନିଟ୍ ସମୟରେ ଖପ୍ରାଖୋଲ ଥାନାରେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ଆଧାର କରି ଖପ୍ରାଖୋଲ ଥାନାରେ କେସ୍ ନମ୍ବର ୧୭୯ ଭାରତୀୟ ନ୍ୟାୟ ସଂହିତା (ଇଘଝ)ର ଧାରା ୨୯୬/୩୫୧(୨)/ ୧୧୫(୨) ଏବଂ ଆଇଟି ଆକ୍ଟର ଧାରା ୬୭ ଅନୁଯାୟୀ ମାମଲା ରୁଜୁ ହୋଇ ଥିଲା । ମାମଲାର ତଦନ୍ତ ଅଧିକାରୀ ଭାବେ ଇନ୍ସପେକ୍ଟର ନରେନ୍ଦ୍ର ଛତର ତଦନ୍ତ ଦାୟିତ୍ୱ ନେଇଛନ୍ତି । ଅଭିଯୁକ୍ତ ଉମାକାନ୍ତ ଗଡ଼ତ୍ୟାଙ୍କୁ ପୁଲିସ ଗିରଫ କରି ମାନ୍ୟବର ଅଦାଲତକୁ ପଠାଇଥିବା ଜଣା ପଡ଼ିଛି ।

## ଅଭିଭାବକଙ୍କୁ ଦେଖି ଦୌଡ଼ିଲେ ଶିକ୍ଷକ !



ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗରୁ ଆସିଛି ଏକ ଗୁରୁତର ଅଭିଯୋଗ। ବିଦ୍ୟାଳୟରେ ମଦ୍ୟପାନ କରି ଆସୁଥିବା ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଅଭିଭାବକମାନେ ଧରି ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।ଘଟଣାଟି ପରଜଙ୍ଗ ବ୍ଲକ କୁମୁସି ପଞ୍ଚାୟତ ଅନ୍ତର୍ଗତ ମହୁଲା ସରକାରୀ ପ୍ରାଥମିକ ବିଦ୍ୟାଳୟର। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଭୋଇ ଓ ସହକାରୀ ଶିକ୍ଷକ ସନ୍ତୋଷ ଭୋଇଙ୍କ ବିରୋଧରେ ନିୟମିତ ଭାବେ ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା ଏବଂ ଠିକ୍ ଭାବେ ଦାୟିତ୍ୱ ତୁଲାଉନଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି ।ଅଭିଭାବକଙ୍କ ଅଭିଯୋଗ ଅନୁସାରେ, ଦୁଇ ଶିକ୍ଷକ ନିଜ ଇଚ୍ଛା ଅନୁସାରେ ବିଦ୍ୟାଳୟକୁ ଆସିବା-ଯିବା କରୁଥିବା ସହ ବିଦ୍ୟାଳୟରେ ଶୋଇ ରହୁଥିବା ଅଭିଯୋଗ ମଧ୍ୟ ରହିଛି ।ଏହି ବିଦ୍ୟାଳୟରେ ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଶିକ୍ଷକଙ୍କ ଏଭଳି ଆଚରଣ ଯୋଗୁଁ ପିଲାଙ୍କ ପାଠପଢ଼ାରେ ପ୍ରଭାବିତ ହେଉଥିବା ଅଭିଭାବକମାନେ କହିଛନ୍ତି । ତେବେ ଅଭିଯୋଗକୁ ନେଇ ଅଭିଭାବକମାନେ ଶିକ୍ଷକଙ୍କୁ ପଚାରିବା ବେଳେ ଜଣେ ଶିକ୍ଷକ ସେଠାରୁ ଚାଲିଯିବାକୁ ଉଦ୍ୟମ କରିଥିବା ଅଭିଭାବକମାନେ କହିଥିଲେ । ପରେ ତାଙ୍କୁ ଅଟକାଇ ସାଆନ୍ଦା ଫାଣ୍ଡି ପୁଲିସକୁ ହସ୍ତାନ୍ତର କରାଯାଇଥିଲା ପୁଲିସ ପକ୍ଷରୁ ତାଙ୍କର ଆଲକୋହଲ ଟେଷ୍ଟ କରାଯାଇଥିବା ଏବଂ ଟେଷ୍ଟରେ ମଦ୍ୟପାନ କରିଥିବା ଜଣାପଡ଼ିଥିବା ଅଭିଭାବକମାନେ ଦାବି କରିଛନ୍ତି। ତେବେ ଏନେଇ ପୁଲିସ କିମ୍ବା ଶିକ୍ଷା ବିଭାଗର ଆଧିକାରିକ ପ୍ରତିକ୍ରିୟା ମିଳିନାହିଁ ।ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ ଆବଶ୍ୟକ ହେଲେ ଦୁଇ ଶିକ୍ଷକଙ୍କୁ ବଦଳି କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ସ୍ୱାୟତ୍ତ ଶାସନ ଦିବସରେ ଟିଟିଲାଗଡ଼ ବାସୀଙ୍କୁ ବଡ଼ ଉପହାର: ପୁରୁଣା ହସ୍ପିଟାଲ ହେବ ଅର୍ବନ ହେଲ୍‌ଥ ସେଣ୍ଟର

ଟିଟିଲାଗଡ, (ମହାଭାରତ) : ସ୍ୱାୟତ୍ତ ଶାସନ ଦିବସ ଅବସରରେ ଟିଟିଲାଗଡ଼ ସହରବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ସହରର ପୁରୁଣା ହସ୍ପିଟାଲକୁ ଅର୍ବନ ହେଲ୍‌ଥ ସେଣ୍ଟରରେ ପରିଣତ କରାଯିବ ବୋଲି ରାଜ୍ୟର କ୍ୟାବିନେଟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘୋଷଣା ପରେ ସହରବାସୀଙ୍କ ମଧ୍ୟରେ ଆଶା ଓ ଖୁସିର ପରିବେଶ ସୃଷ୍ଟି ହୋଇଛି। ବିଧାୟକ ନବୀନ ଜୈନଙ୍କ କହିବା ଅନୁସାରେ, ଟିଟିଲାଗଡ଼େର ଅର୍ବନ ହେଲ୍‌ଥ ସେଣ୍ଟର ସ୍ଥାପନ ପାଇଁ ଦୀର୍ଘଦିନ ଧରି ଦାବି ଉଠିଆସୁଥିଲା। ସହରର ବର୍ଦ୍ଧିତ ଜନସଂଖ୍ୟା ଓ ସ୍ୱାସ୍ଥ୍ୟସେବାର ଚାହିଦାକୁ ଦୃଷ୍ଟିରେ ରଖି ପୁରୁଣା ହସ୍ପିଟାଲକୁ ଆଧୁନିକ ସୁବିଧାସମ୍ପନ୍ନ ଅର୍ବନ ହେଲ୍‌ଥ ସେଣ୍ଟରରେ ପରିଣତ କରିବା ନେଇ ସରକାର ସକାରାତ୍ମକ ପଦକ୍ଷେପ ନେଇଛନ୍ତି। ଅର୍ବନ ହେଲ୍‌ଥ ସେଣ୍ଟର କାର୍ଯ୍ୟକ୍ଷମ ହେବା ପରେ ସହରବାସୀ ପ୍ରାଥମିକ ଚିକିତ୍ସା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂକ୍ରାମକ ରୋଗର




ସ୍କ୍ରିନିଂ ଏବଂ ବିଭିନ୍ନ ଜନସ୍ୱାସ୍ଥ୍ୟ ସେବା ଗୋଟିଏ ସ୍ଥାନରେ ପାଇପାରିବେ। ଏହା ସହରର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ସରକାରୀ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବ ବୋଲି ଆଶା କରାଯାଉଛି। ସ୍ଥାନୀୟ ବାସିନ୍ଦାମାନେ ମଧ୍ୟ ଏହି ଘୋଷଣାକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ମତରେ, ଟିଟିଲାଗଡ଼ ଭଳି ବିକାଶଶୀଳ ସହରରେ ଏକ ଅର୍ବନ ହେଲ୍‌ଥ ସେଣ୍ଟରର ଆବଶ୍ୟକତା ବହୁ ଦିନରୁ ଅନୁଭବ କରାଯାଉଥିଲା। ଏହି ପଦକ୍ଷେପ କାର୍ଯ୍ୟକାରୀ ହେଲେ ସାଧାରଣ ଲୋକଙ୍କୁ ଉନ୍ନତ ଏବଂ ସହଜଲଭ୍ୟ ସ୍ୱାସ୍ଥ୍ୟସେବା ମିଳିବା ସହ ସହରର ସ୍ୱାସ୍ଥ୍ୟ ପରିକାଠାମୋ ଆହୁରି ମଜବୁତ ହେବ। ତେବେ ଏହି ପ୍ରକଳ୍ପ କେବେ ଆରମ୍ଭ ହେବ, କେତେ ଅର୍ଥ ବ୍ୟୟ ହେବ ଏବଂ କେବେ ସାଧାରଣ ଲୋକଙ୍କ ପାଇଁ ସେବା ଉପଲବ୍ଧ ହେବ, ସେନେଇ ସରକାରଙ୍କ ପକ୍ଷରୁ ବିସ୍ତୃତ ସୂଚନା ଆସିବାକୁ ବାକି ରହିଛି। ତଥାପି ସ୍ୱାୟତ୍ତ ଶାସନ ଦିବସରେ ହୋଇଥିବା ଏହି ଘୋଷଣା ଟିଟିଲାଗଡ଼ ବାସୀଙ୍କ ପାଇଁ ଏକ ଆଶାବ୍ୟଞ୍ଜକ ପଦକ୍ଷେପ ଭାବେ ଦେଖାଯାଉଛି।

## ସୁଶାନ୍ତ କୁମାର ପୁରୋହିତ ପାରାଦୀପ ବନ୍ଦରର ଅତିରିକ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ




ପାରାଦୀପ, (ମହାଭାରତ) : ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟଙ୍କ ଆଦେଶକ୍ରମେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ (ଆଇଆରଏସଇଇ, ୧୯୯୬ ବ୍ୟାଚ୍) ପାରାଦୀପ ବନ୍ଦର ପ୍ରାଧିକରଣ ର ଅତିରିକ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସୁଶାନ୍ତ କୁମାର ପୁରୋହିତ ଭାରତୀୟ ରେଳବାଇ ବିଦ୍ୟୁତ ଇଞ୍ଜିନିୟର ସେବା (ଆଇଆରଏସଇଇ) ର ଜଣେ ବରିଷ୍ଠ ଅଧିକାରୀ । ପ୍ରଶାସନ, ଇଞ୍ଜିନିୟରିଂ, ଭିତ୍ତିଭୂମି ବିକାଶ, ନୀତି ପ୍ରଣୟନ ଏବଂ ସରକାରୀ କ୍ଷେତ୍ର ପରିଚାଳନାରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି । ପୂର୍ବରୁ ସେ ଭାରତ ସରକାରଙ୍କ ରସାୟନ ଓ ପେଟ୍ରୋକେମିକାଲ୍ ବିଭାଗର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ, ଯେଉଁଠାରେ ସେ ନୀତି ପ୍ରଣୟନ ଓ କ୍ଷେତ୍ରଗତ ବିକାଶ ସହ ଜଡିତ ଥିଲେ । ନିଜ କାର୍ଯ୍ୟ କାଳ ରେ ସେ ଭାରତୀୟ ରେଳବାଇ, ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ଭିତ୍ତିଭୂମି ବିକାଶ, ପ୍ରଯୁକ୍ତି ଭିତ୍ତିକ ପଦକ୍ଷେପ ଓ ଜନପ୍ରଶାସନ କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି । ବନ୍ଦର ପରିଚାଳନା, ଭିତ୍ତିଭୂମି ବିକାଶ, ସରକାରୀ ନୀତି ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ତାଙ୍କର ସମୃଦ୍ଧ ଅନୁଭବ ପାରାଦୀପ ବନ୍ଦର ପ୍ରାଧିକରଣକୁ ଦୃଢ଼ ରଣନୀତିକ ନେତୃତ୍ୱ ପ୍ରଦାନ କରିବ । ସେ ଭି.ଓ. ଚିଦମ୍ବରନାର ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନିଜ ଦାୟିତ୍ୱ ପାଳନ କରିବା ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ର ଅତିରିକ୍ତ ଦାୟିତ୍ୱ ମଧ୍ୟ ବହନ କରିବେ । ତାଙ୍କ ନେତୃତ୍ୱରେ ପାରାଦୀପ ବନ୍ଦରର ଭିତ୍ତିଭୂମି ଏବଂ ସଂଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, କାର୍ଯ୍ୟଦକ୍ଷତା ବୃଦ୍ଧି, କାର୍ଗୋ ପରିଚାଳନା ବ୍ୟବସ୍ଥା ର ଆଧୁନିକୀକରଣ ଏବଂ ସବୁଜ ଓ ସ୍ଥାୟୀ ବନ୍ଦର ପଦକ୍ଷେପକୁ ଆଗେଇ ନେବା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଶ୍ରୀ ପୁରୋହିତ ଙ୍କ ଅଭିଜ୍ଞତା ଓ ନେତୃତ୍ୱ ପାରାଦୀପ ବନ୍ଦରର କ୍ଷମତାକୁ ଆହୁରି ସୁଦୃଢ଼ କରିବା ସହ ଭାରତର ସାମୁଦ୍ରିକ କ୍ଷେତ୍ରର ଅଭିବୃଦ୍ଧି ଏବଂ 'ବିକଶିତ ଭାରତ' ର ସ୍ୱପ୍ନ ସାକାର କରିବାରେ ମହତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ଆଶା କରାଯାଏ ।

## କମଳା ଦେଇ ଗଣ୍ଡ ଭତ୍ତାରୁ ବଞ୍ଚିତ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ପଞ୍ଚାୟତରେ ସରକାରୀ ଭତ୍ତା ପାଇବାରୁ ବହୁ ବୃଦ୍ଧ ଓ ବୃଦ୍ଧା ବଞ୍ଚିତ ହୋଇଥିବା ସାମନା କୁ ଆସୁଛି । ସେମାନଙ୍କ ମଧ୍ୟରୁ କୁରାବେଢା ପଞ୍ଚାୟତ ର କୁଣ୍ଡରାପାଣି ଗାଁ ର କମଳା ଦେଇ ଗଣ୍ଡଙ୍କ ଭତ୍ତା ରୁ ବଞ୍ଚିତ ।ବୃଦ୍ଧାବସ୍ଥାରେ ଆର୍ଥିକ ସହାୟତା ହିଁ ଯେଉଁମାନଙ୍କ ପାଇଁ ଏକମାତ୍ର ଭରସା, ସେମାନଙ୍କୁ ଯଦି ନିଜ ହକ୍‌ର ଭତ୍ତା ପାଇଁ ଦ୍ୱାରଦ୍ୱାର ବୁଲିବାକୁ ପଡ଼େ, ତେବେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାର ଲାଭ କାହା ପାଖରେ ପହଞ୍ଚୁଛି ବୋଲି ପ୍ରଶ୍ନ ଉଠୁଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନା କାହାପାଇଁ। ଯଦି ଯୋଗ୍ୟ ହିତାଧିକାରୀ ମାନେ ସୁବିଧା ରୁ ବଞ୍ଚିତ ତେବେ ଯୋଜନା କାହା ସ୍ୱାର୍ଥ ପାଇଁ। ଯୋଗ୍ୟ ହିତାଧିକାରୀ ଯଦି ଭତ୍ତାରୁ ବଞ୍ଚିତ, ତେବେ କେବେ ମିଳିବ ସେମାନଙ୍କ ଅଧିକାର ? ଏନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କମଳା ଦେଇ ଗଣ୍ଡଙ୍କ ସମେତ ଭତ୍ତାରୁ ବଞ୍ଚିତ ସମସ୍ତ ଯୋଗ୍ୟ ବୃଦ୍ଧ ବୃଦ୍ଧାଙ୍କ ସମସ୍ୟାର ସମାଧାନ କରିବାକୁ ଗ୍ରାମ ବାସୀ ପକ୍ଷରୁ କୁହାଯାଇଛି।



## ନିଶାମୁକ୍ତ ପାରାଦ୍ୱୀପ ପାଇଁ ଶତାଧିକ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ



ପାରାଦୀପ, (ମହାଭାରତ) : ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଶିକ୍ଷାବିତ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୨୦୨୩ ମସିହାରୁ ସମଗ୍ର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆୟୋଜିତ ହୋଇ ଆସୁଥିବା ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ପାରାଦ୍ୱୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରିସରରେ ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟା ମମତା କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ପୂର୍ବତନ ସାଂସଦ ତଥା ବିଶିଷ୍ଟ ଚିକିତ୍ସକ ଡ଼ା.କୁଳମଣି ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଶା ସେବନର କୁପରିଣାମ ବିଷୟରେ ବୁଝାଇବା ସହିତ ଭବିଷ୍ୟତ ଜୀବନରେ ନିଜେ ନିଶା ସେବନ ନକରି ନିଜ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଜାତୀୟ ପତାକାକୁ ଶାଖୀ ରଖି ଶପଥ ପାଠ କରାଇଥିଲେ। ଏହିପରି କର୍ମଶାଳା ମାଧ୍ୟମରେ ନିଶାର କୁପ୍ରଭାବ ବିଷୟରେ ବିଷଦ ଭାବରେ ଆଲୋଚନା କରିବା ସହିତ ନିଶା କିପରି ଧୀରେ ଧୀରେ ପିଲାମାନଙ୍କୁ କବଳାୟିତ କରେ ସେ ବିଷୟରେ ସଚେତନ କରାଇବା ପାଇଁ ଅଳକା ଆଶ୍ରମ ତରଫରୁ ଏକ ସ୍ୱତନ୍ତ୍ର ପୁସ୍ତିକା ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅଳକା ଆଶ୍ରମର କେନ୍ଦ୍ରୀୟ ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ, ପାରାଦ୍ୱୀପ ସଂଯୋଜିକା ପ୍ରେମଲତା ବାରିକ, ନଳିନୀ ପ୍ରଭା ସାହୁ ନିଶାର ଭୟାବହତା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ପରିଚାଳନା କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପୋଖରୀରେ ବୁଡି ନାବାଳକ ମୃତ

କପ୍ତିପଦା -(ମହାଭାରତ ): ପୋଖରୀ ରେ ବୁଡି ନାବାଳକ ମୃତ। ମୟୁରଭଞ୍ଜ ଜିଲ୍ଲା ଉଦଳା ଥାନା ଧାନଘେରା ପଞ୍ଚାୟତ ବାହାଲଗଡି ରେ ଘଟିଛି ଅଘଟଣ। ଦୁର୍ଗା ବାସ୍କେ ଙ୍କ ବଡ଼ ପୁଅ ଲାଖିଶ୍ୟାମ ବାସ୍କେ ଉଦଳା ଥାନା ଧାନଘେରା ପଞ୍ଚାୟତ ବାହାଲଗଡି ନିଜ ଦାଦା କାହ୍ନୁ ବାସ୍କେଙ୍କ ଘର କୁ ବୁଲିବାକୁ ଆସିଥିଲେ। ତେବେ କୌଣସି କାରଣ ବଶତଃ ଲାଖିଶ୍ୟାମ ଘର ପାଖରେ ଥିବା ପୋଖରୀ ରେ ବୁଡି ଯାଇଥିଲେ। ତେବେ କିଛି ସମୟ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବା ପରେ ପୋଖରୀ ରେ ନାବାଳକ ଙ୍କ ମୃତ ଦେହ ଦେଖି ଉଦଳା ମେଡିକାଲ କୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଅଞ୍ଚଳ ରେ ଶୋକ ଛାୟା ଖେଳି ଯାଇଛି।

## ପିଲା ଶୂନ୍ୟ ଅଙ୍ଗନବାଡି



କପ୍ତିପଦା - (ମହାଭାରତ ): ଏକ ମାସ ହେବ ହେଉ ନାହିଁ ରୋଷେଇ, ମିଳୁ ନାହିଁ ଶିଶୁଙ୍କୁ ଖାଦ୍ୟ। ଯେଉଁଥିପାଇଁ ଅଙ୍ଗନବାଡି ଆସୁ ନାହାନ୍ତି ଶିଶୁ। ସେପଟେ ସିଡିପିଓ କହୁଛନ୍ତି ଜଣେ ସିଡିପିଓ ଏତେ ଗୁଡିଏ ଅଙ୍ଗନବାଡି ଦେଖିପାରିବ ନାହିଁ। କପ୍ତିପଦା ବ୍ଲକ ରାମଚନ୍ଦ୍ରପୁର ଅଙ୍ଗନବାଡିରୁ ଆସିଛି ଏଭଳି ଚିତ୍ର । ଏହି ଅଙ୍ଗନବାଡିରେ ୩୦ ଜଣ ଶିଶୁ ପାଠ ପଢୁଥିବା ବେଳେ ଏବେ ଅଙ୍ଗନବାଡି କୁ କାଁ ଭାଁ ଶିଶୁ ଆସୁଛନ୍ତି। କାହିଁକି ନା ଏକ ମାସ ରୁ ଉର୍ଦ୍ଧ ହେବ ଅଙ୍ଗନବାଡିରେ ହେଉ ନାହିଁ ଖାଦ୍ୟ ରୋଷେଇ। ଅଙ୍ଗନବାଡି କେନ୍ଦ୍ରରେ ଚାଉଳ ଏବଂ କାଠ ନ ଥିବାରୁ ରୋଷେଇ ବନ୍ଦ। ଯେଉଁଥିପାଇଁ ଅଙ୍ଗନବାଡି କୁ ଆସୁଥିବା ଜଣେ ଦୁଇ ଜଣ ପିଲା କେବଳ ଶୁଖିଲା ଖାଦ୍ୟ ଖାଇ ଯାଉଛନ୍ତି। ନା ପଢା ଯାଉଛି ନା ଛୁଆ ମାନଙ୍କୁ ଖେଳ ଶିଖାଯାଉଛି। କାହିଁକି ନା ଅଙ୍ଗନବାଡି କର୍ମୀ ବେଲମଣି ହେମ୍ବ୍ରମ ସପ୍ତାହରେ ଥରୁଟିଏ କେବଳ ଅଙ୍ଗନବାଡି ଆସୁଥିବା ବେଳେ ଅନ୍ୟ ଦିନେ ଅଙ୍ଗନବାଡିର ହେଲପର ହିଁ ଚଳାଉଛନ୍ତି ଅଙ୍ଗନବାଡି। ଯାହାକୁ ନେଇ ତାତିଛନ୍ତି ଗ୍ରାମବାସୀ। ଅଙ୍ଗନବାଡି କର୍ମୀ ନିଜ ମନମାନି ଚଳାଇଥିବାରୁ ଏହାକୁ ବିରୋଧ କରିଛନ୍ତି ଅଭିଭାବକ ଏବଂ ଗ୍ରାମବାସୀ। ଅଙ୍ଗନବାଡି କର୍ମୀ ସେଣ୍ଟର କୁ ନ ଆସିବା, ଚାଉଳ ଏବଂ ଅନ୍ୟ ସାମଗ୍ରୀ କିଛି ଅଙ୍ଗନବାଡି କୁ ନ ଆଣିବା ବାବଦରେ କହିଛନ୍ତି ଖୋଦ ଅଙ୍ଗନବାଡି ହେଲପର। ସେପଟେ ଏଭଳି ଘଟଣା ବାବଦରେ ସିଡିପିଓ ଦେଇଛନ୍ତି ଦାୟିତ୍ୱହୀନ ଅଜବ ଉତ୍ତର। ଜଣେ ସିଡିପିଓ ଏତେ କାମ କରିପାରିବ ନାହିଁ, ଏବଂ ସତ ହେଲା ଅଙ୍ଗନବାଡି ର ଏଭଳି ସ୍ଥିତି ଆଗରୁ ଅଛି ବୋଲି ସେ କହିଛନ୍ତି। ଗୋଟିଏ ପଟେ ଛୋଟ ଶିଶୁଙ୍କ ପାଇଁ ଖାଦ୍ୟ ରୋଷେଇ ନ ହେବା ଏବଂ ଅନ୍ୟପଟେ ସିଡିପିଓ ଙ୍କ ଏଭଳି ମନ୍ତବ୍ୟ ଆଇସିଡିଏସ ର କାର୍ଯ୍ୟକାରିତା କୁ ପଦାରେ ପକାଇଛି।

## ଝୁଲଣ ଉତ୍ସବରେ ସଂଗୀତ ପରିବେଷଣ

**କେନ୍ଦ୍ରାପଡ଼ା:**ଅଗ୍ରଣୀ ଭଜନ ଅନୁଷ୍ଠାନ ଆନୁକୂଲ୍ୟରେ ପାଞ୍ଚ ଦିନ ବ୍ୟାପି ହୋଇଥିବା ଝୁଲଣ ଉତ୍ସବରେ ଝୁଲଣ ସଂଗୀତ ବିଭିନ୍ନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ ହୋଇଯାଇଛି ।ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ କ୍ରମାନ୍ୱୟରେ ସଲାରମଠର ଶ୍ରୀ ଶ୍ରୀ ଶାନ୍ତିକୁଟିର, ବାୟାବାବା ମନ୍ଦିର, ଫୋରଡ ମଠ, ଗୋପୀନାଥଜୀଉ ମନ୍ଦିର, ଓଲଢି ମଠ, ଶ୍ରୀଲଛମନଜୀଉ ମନ୍ଦିର, ବାଲିପାଟଣା ମଠ, ଠାକୁରପାଟଣାର ଶ୍ରୀ କପିଳଜୀଉଙ୍କ ମନ୍ଦିରରେ ଶିଳ୍ପୀମାନେ ଝୁଲଣ ସଂଗୀତ ପରିବେଷଣ କରି ବହୁ ପ୍ରଶଂସିତ ଓ ପୁରସ୍କୃତ ହୋଇଛନ୍ତି। ଏହି ଶିଳ୍ପୀମାନଙ୍କ ମଧ୍ୟରେ ମାଷ୍ଟର ବସନ୍ତ କୁମାର ପତି, ମାଷ୍ଟର ମହେଶ୍ୱର ମଣ୍ଡଳ, ଆକାଶବାଣୀ କଣ୍ଠଶିଳ୍ପୀ କ୍ଷୀରୋଦ କୁମାର ନାଥ, ପ୍ରଶାନ୍ତ କୁମାର ମିଶ୍ର, କେଶବ ଚନ୍ଦ୍ର ମହାରଣା, ପାଲାଗାୟକ ଗଗନବିହାରୀ ସିଂହ, ଅରକ୍ଷିତ ସାହୁ, ମୋହନ ଓଝା, ଉମେଶ ଚନ୍ଦ୍ର ଭଦ୍ର, ସୂର୍ଯ୍ୟମଣୀ ନାଥ ପ୍ରମୁଖ ସାମିଲ ଥିଲେ। ତବଲା ବାଦକ ବାନାମ୍ବର ସାମଲ ବାଦ୍ୟ ପରିବେଷଣ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତମାନେ ଉପସ୍ଥିତ ହୋଇ ହରିବୋଲ ଏବଂ ହୁଳହୁଳି ଧ୍ୱନୀରେ ଝୁଲଣ ସ୍ଥଳକୁ ପ୍ରକମ୍ପିତ କରୁଥିଲେ। ଶ୍ରୀଲଛମନଜୀଉ ମଠ ପକ୍ଷରୁ ସରପ□ ଦୟାନିଧି ଦାସ, ଓଲଢି ମଠ ପକ୍ଷରୁ ହଳଧର ଦାଶ, କପିଳଜୀଉ ମଠ ପକ୍ଷରୁ ବସନ୍ତ କୁମାର ମହଲା,



ଫୋରଡ ମଠ ପକ୍ଷରୁ ମହନ୍ତ ହୃଷିକେଶ ଦାସ ପ୍ରମୁଖ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ ଓ ଆଶିର୍ବାଦ ପ୍ରଦାନ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସରେ ବିଜୁକଲ୍ୟାଣ ମଣ୍ଡପରେ ସାଧାରଣ ସଭା



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ର ବିଜୁ କଲ୍ୟାଣ ମଣ୍ଡପ ଠାରେ ସନ୍ଧ୍ୟା ରେ ସାଧାରଣ ସଭା ସହ ପୁରସ୍କାର ବିତରଣ ସାଂସ୍କୃତିକ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟ କର୍ମରେ ମାନ୍ୟବର ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୋବର। ତ୍ରିପତି ରାଓ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲ କ୍ଷ୍ ଣ ମୁର୍ମୁ କାଉନସିଲର ବାବୁନା ବେହେର।, ବାଲକୃଷ୍ଣ ପାତ୍ର, ସାଂସଦ ପ୍ରତି ନିଧି ଆ ଦ ର ସ ଦାସ,ସ୍ୱତନ୍ତ୍ର ଉନନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ ନାୟକ, ପ୍ରମୁଖ ମଞ୍ଚାସିନ ଥିଲେ। ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌର ପରିଷଦ ବିକାଶ ମୂଳକ କାର୍ଯ୍ୟ ଓ ଭବିଶତ କାର୍ଯ୍ୟ ପନ୍ଥା ଉପରେ ସୂଚନା ପ୍ରଦାନ କରିଥିଲେ। ପୂର୍ବରୁ ଆୟ ଜିତ ବିଭିନ୍ନ ପ୍ରତି ଯୋଗୀ ତ। ରେ ଅଂଶ ଗ୍ରହଣ କରିଥିବା କୃତିତ୍ୱ ଛାତ୍ର ଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସଂସ୍କୃତ କ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା।

# ଦାଦନ ଶ୍ରମିକ ହୋଇ ଯାଇଥିଲେ,ଶବ ହୋଇ ଫେରିଲେ







କରଞ୍ଜିଆ, (ମହାଭାରତ) ୧୫ ଦିନ ପୂର୍ବରୁ ଚେନାଇ ଯାଇ ଏକ ଘୋରେଇ କମ୍ପାନୀ ରେ କାମ କରୁଥିବା ଜଣେ ଶ୍ରମିକ ଙ୍କ ମୃତ୍ୟୁ ହୋଇଥିଲା ।କିନ୍ତୁ ଆର୍ଥିକ ସମ୍ବଳ ନଥିବାରୁ ମୃତ୍ୟୁ ର ୩ ଦିନ ପରେ ହିୟୁମାନ ରାଇଟ ଡିଫେଣ୍ଡର ଫୋରୋମ ଓ ଜିଲ୍ଲା ଶ୍ରମ ବିଭାଗ ସହାୟତା ରେ ଶବ ଗାଁ କୁ ଫେରିଛି ।ସୂଚନା ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ କେନ୍ଦୁଜିଆଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାରୁବିଲ ଗ୍ରାମର ନନ୍ଦିଆ ହୋ (୪୪) ଶ୍ରମିକ ଭାବରେ କାମ କରିବାକୁ ଚେନାଇ ଯାଇ ସେଠାରେ ଏକ ଘୋରେଇ କମ୍ପାନୀ ରେ କାମ କରୁଥିଲେ ।ସେଠାରେ ତାଙ୍କର ଦେହ ଖରାପ ହେବାରୁ ତାଙ୍କର ଜଣେ ସମ୍ପର୍କୀୟ ଙ୍କ ସହିତ ସେ ଘରକୁ ଟ୍ରେନ ଯୋଗେ ଫେରୁଥିଲେ ।କିନ୍ତୁ ରାସ୍ତା ରେ ତାଙ୍କର ଦେହ ଗୁରୁତର ହୋଇ ପଡିବାରୁ ଗତ ୨୮ ତାରିଖ ରାତି ପ୍ରାୟ ୧୦ ଟା ସମୟରେ ନେଲୋରୀ ଷ୍ଟେସନ ରେ ସାଙ୍ଗ ରେ ଥିବା ସମ୍ପର୍କୀୟ ତାଙ୍କୁ ଓଲ୍ଲାଇ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ।କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ତାଙ୍କର ମୃତ୍ୟୁ ପରେ ତାଙ୍କ ଶବକୁ ପରିବାର ଲୋକେ ଆର୍ଥିକ ଅଭାବ କାରଣ ରୁ ଘରକୁ ଆଣି ପାରୁନଥିଲେ ।କିନ୍ତୁ ସୂଚନା ପାଇ ଠାକୁରମୁଣ୍ଡା ଡ୍ରାଇଭର ମହାସଂଘ ର ସଦସ୍ୟ ଗୋପବନ୍ଧୁ ମହାନ୍ତ, ଏଚଆରଡିଏଫ ଇଣ୍ଡିଆ ର ରାଜ୍ୟ ସଭାପତି ସୋମନାଥ ନାୟକ ଏବଂ ଜାତୀୟ କାର୍ଯ୍ୟରତ ସଭାପତି ଅସହାୟ ପ୍ରେମି ଦୁଃଖବନ୍ଧୁ ବିଶ୍ୱାଳ ଙ୍କ ସମେତ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହଯୋଗରେ ୧ ତାରିଖ ଦିନ ଆମ୍ବୁଲାନ୍ସ ଯୋଗେ ନେଲୋରୀ ରୁ ମରଶରୀର ନିଜ ଜନ୍ମସ୍ଥାନ ସାରୁବିଲ ରେ ପହଞ୍ଚି ଥିଲା ।ପରେ ପରିବାର ପକ୍ଷରୁ ତାଙ୍କ ଶବକୁ ଗ୍ରାମରେ ସତ୍କାର କରାଯାଇଥିଲା।

# ଗଣିଆକୁ ଏନଏସି ମାନ୍ୟତା କେବେ

## ଆଶା ଆଶଙ୍କାରେ ଜନସାଧାରଣ





ଗଣିଆ,(ମହାଭାରତ) ନୟାଗଡ଼ ଜିଲ୍ଲାର ଗଣିଆ ବ୍ଲକ ମୁଖ୍ୟାଳୟକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା କରିବା ଦାବି ଦିନକୁ ଦିନ ଜନସାଧାରଣ ରେ ଆଲୋଚନା ଜୋର ଧରିଛି । ଗତ ଦୁଇ ବର୍ଷ ହେଲା ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ନୂଆ ଏନଏସି ଗଠନ କରୁଥିବା ବେଳେ ଗଣିଆର ନାମ ବାରମ୍ବାର ବାଦ ପଡୁଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଉଭୟ ଦେଖାଦେଇଛି। ଜିଲ୍ଲାର ଅତି ପଛୁଆ ଓ ଆଦିବାସୀ ବହୁଳ ଗଣିଆ ବ୍ଲକ ଆଜି ପର୍ଯ୍ୟନ୍ତ ପୌର ମାନଚିତ୍ରରୁ ବାଦ ପଡି ରହିଛି କ୍ଷମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆ ଏନ ଏ ସି ମ୍ୟୁନିସିପାଲିଟି ଘୋଷଣା କରିଥିବା ବେଳେ ଏଥିରେ ଗଣିଆର ନାମ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢିଛି। ନଗର ଉନ୍ନୟନ ମନ୍ତ୍ରୀ ନୂଆ ଏନ ଏ ସି ଘୋଷଣା ରେ କେବେ କରିବେ ସେହି ତାଲିକା ଅପେକ୍ଷା ରେ ଗଣିଆବାସୀ କ୍ଷ କ୍ଷଗଣିଆ ବ୍ଲକ ର ଜନସଂଖ୍ୟା ୪୦ ହଜାରରୁ ଅଧିକ। ଦୈନିକ ହଜାର ହଜାର ଲୋକ ବଜାର, ସ୍ୱାସ୍ଥ୍ୟ, ଶିକ୍ଷା ଓ ବ୍ୟାଙ୍କ କାର୍ଯ୍ୟ ପାଇଁ ନିର୍ଭର କରନ୍ତି ।ଦଶପଲ୍ଲା, କଣ୍ଟିଲୋ, ଖଣ୍ଡପଡାକୁ ସଂଯୋଗ କରୁଥିବା ପ୍ରମୁଖ ଛକ। ଡ୍ରେନେଜ, ପାନୀୟ ଜଳ, ଷ୍ଟ୍ରିଟ୍ ଲାଇଟ୍, ଆବର୍ଜନା ପରିଚାଳନା ଭଳି ସମସ୍ୟା ଗୁଡିକ ଏନଏସି ଗଠନ ହେଲେ ଏହାର ସମାଧାନ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତ ।ଏବେ ସମସ୍ତଙ୍କ ନଜର ଗୃହ ଓ ନଗର ଉନ୍ନୟନ ବିଭାଗର ପରବର୍ତ୍ତୀ ବିଜ୍ଞପ୍ତି ଉପରେ। ଗଣିଆକୁ ଏନଏସି ଘୋଷଣା କଲେ ଏହା କେବଳ ଏକ ପ୍ରଶାସନିକ ମାନ୍ୟତା ନୁହେଁ, ବରଂ ଅନଗ୍ରସର ଅଞ୍ଚଳର ବିକାଶ ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ଜନସାଧାରଣ ଆଶା ରଖିଛନ୍ତି।

## ସୌମ୍ୟରଞ୍ଜନ ଖମାରୀଙ୍କ ସ୍ମୃତିରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ନଛିପୁର ଗ୍ରାମର ଟୁକୁନା ଖମାରୀଙ୍କ ପୁଅ ସୌମ୍ୟରଞ୍ଜନ ଖମାରୀ (ରାକେଶ) ଙ୍କ ଗତ ୨୯ ତାରିଖ ଶନିବାର ଦିନ ଏକ ବାଇକ୍ ଦୁର୍ଘଟଣା ଘଟି ମୃତ୍ୟୁ ବରଣ କରିଥିଲେ । ଏହି ଦୁଃଖଦ ସ୍ମୃତିକୁ ନେଇ ନଛିପୁର ପଞ୍ଚାୟତ କ୍ରିକେଟ୍ କ୍ଲବ୍ ଓ ବରଦାୟିନୀ ଯୁବକ ସଂଘ ତରଫରୁ ଜଗନ୍ନାଥ ନାୟକ ଓ ପ୍ରଶାନ୍ତ ଖମରୀଙ୍କ ତତ୍ତ୍ୱାବଧାନରେ ସୋମବାର ସନ୍ଧ୍ୟା ସମୟରେ ନଛିପୁର ସ୍କୁଲ୍ ଠାରୁ ସୌମ୍ୟରଞ୍ଜନ ଖମାରୀଙ୍କ ବାସଗୃହ ପର୍ଯ୍ୟନ୍ତ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇଥିଲା ।କ୍ୟାଣ୍ଡେଲ୍ ଶୋଭାଯାତ୍ରା ସରିବା ପରେ ତାଙ୍କର ବାସଗୃହ ଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତେ ୫ ମିନିଟ୍ ସୌମ୍ୟରଞ୍ଜନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରିଥିଲେ। ଏହି ଶୋଭାଯାତ୍ରାରେ ନଛିପୁର ପଞ୍ଚାୟତ ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ବେହେରା, କ୍ରିକେଟ୍ ସଂଘର ସଦସ୍ୟ ସମୀର ସାହୁଙ୍କ ସହିତ ବହୁ ଯୁବକ ସାମିଲ ହୋଇଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର ସାହୁ,ନିର୍ବାଚିତ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନ କୁ ଯାଇ ଶୋକସନ୍ତପ୍ତ ପରିବାର ଙ୍କୁ ସମବେଦନା ଜଣାଇଥିଲେ ।

## ଚିନିଶିଳ୍ପ ଏନଏମଆର କର୍ମଚାରୀଙ୍କୁ ନିୟମିତ ନକଲେ ଧାରଣା ଚେତାବନୀ

ଆସିକା,(ମହାଭାରତ): ଆସିକା ସମବାୟ ଚିନି ଶିଳ୍ପରେ କାର୍ଯ୍ୟରତ ୯୯ ଜଣ ଏନଏମଆର କର୍ମଚାରୀଙ୍କୁ ନିୟମିତ କରିବା ଦାବି ଏବେ ଜୋର ଧରିଛି। କର୍ମଚାରୀମାନଙ୍କୁ ନିୟମିତ କରିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ଆସନ୍ତା ୦୯/୦୯/୨୦୨୬ ତାରିଖ ମଧ୍ୟରେ ପାଳନ ନହେଲେ ୧୦/୦୯/୨୦୨୬ରେ ଧାରଣା ଦିଆଯିବ ବୋଲି ଆସିକା ଚିନି ଶିଳ୍ପ ଶ୍ରମିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏନେଇ ସଂଘ ପକ୍ଷରୁ ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକ, ସମବାୟ ନିବନ୍ଧକ, ଜିଲ୍ଲାପାଳ, ଆରକ୍ଷୀ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଆସିକା ସହକାରୀ ଶ୍ରମ ଅଧିକାରୀ, ଆସିକା ଏସଡିପିଓ ଏବଂ ଆସିକା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ଆସିକା ଚିନି ଶିଳ୍ପରେ ଦୀର୍ଘଦିନ ଧରି କାର୍ଯ୍ୟରତ ୯୯ ଜଣ ଏନଏମଆର କର୍ମଚାରୀଙ୍କୁ ନିୟମିତ କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ପ୍ରତିଶ୍ରୁତି ପୂରଣ ସହ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ତ୍ରିପାକ୍ଷିକ କମିଟିର ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ସଂଘ ଦାବି କରିଛି। ଗତ ୨୩/୧୧/୨୦୨୫ରେ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ତ୍ରିପାକ୍ଷିକ କମିଟିର ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉନଥିବାରୁ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ରିପୋର୍ଟ କାର୍ଯ୍ୟକାରୀ ନହେଲେ ଗତ ୨୩/୦୩/୨୦୨୬ରେ ସ୍ଥଗିତ ରଖାଯାଇଥିବା ଧାରଣାକୁ ପୁନର୍ବାର ଆରମ୍ଭ କରାଯିବ ବୋଲି ସଂଘ ପକ୍ଷରୁ ପୂର୍ବରୁ ମଧ୍ୟ ଲିଖିତ ଭାବେ ଜଣାଇଥିବା କୁହାଯାଇଛି। ଆସିକା ଚିନି ଶିଳ୍ପ ଶ୍ରମିକ ସଂଘର ପତ୍ର ସଂଖ୍ୟା ୮୭୫, ତାରିଖ ୨୪/୦୮/୨୦୨୬ ଅନୁଯାୟୀ ଏନେଇ ଚିନି ଶିଳ୍ପର ପରିଚାଳନା ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ୦୯ ସେପ୍ଟେମ୍ବର ସୁଦ୍ଧା ଦାବି ପୂରଣ ନହେଲେ ୧୦ ସେପ୍ଟେମ୍ବରରେ ପାଠକ ସମ୍ମୁଖରେ ଧାରଣା ଦିଆଯିବ। ଏହି ଧାରଣା ଦ୍ୱାରା ଶିଳ୍ପରେ ଶ୍ରମିକ ଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ଦେଖାଦେଇଛି।

## ଚୁଡ଼ାକୁଟି ପିଏମ୍ ଶ୍ରୀ ଇନ୍ଦ୍ରମଣି ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ଧାମନଗର,(ମହାଭାରତ): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପିଏମ୍ ଶ୍ରୀ ଇନ୍ଦ୍ରମଣି ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ବିଜ୍ଞାନ ଭିତ୍ତିକ ବିଭିନ୍ନ ପ୍ରକଳ୍ପ ଓ ପ୍ରଦର୍ଶନୀ ମାଧ୍ୟମରେ ନିଜର ସୃଜନଶୀଳତା ଓ ବୈଜ୍ଞାନିକ ଚିନ୍ତାଧାରାର ପରିଚୟ ଦେଇଥିଲେ। ଅନୁଷ୍ଠାନରେ ସଭାପତି ଭାବେ ରାମ ଶିଙ୍ଗ ଟୁଡୁ ଯୋଗଦେଇଥିବା ବେଳେ ଏସ୍‌ଏମ୍‌ସି ସଭାପତି ଲକ୍ଷ୍ମୀଧର ପୋଇ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ଖଗେଶ୍ୱର ସାମଲ ଉପସ୍ଥିତ ଥିଲେ। ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ ପାଇଁ ବିଚାରକ ଭାବେ ମମତା ରାଣୀ ବେହେରା ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ ସୂର୍ଯ୍ୟ ନାରାୟଣ ମହାପାତ୍ର, ସୁଶ୍ରୀସଙ୍ଗୀତା ସାବତ ଓ ମୁକେଶ ସେନାପତି ମେଳା ପରିଚାଳନାରେ ସହଯୋଗ କରିଥିଲେ।

## ପାର୍ବତୀଗିରି ଡିଗ୍ରୀ ମହାବିଦ୍ୟାଳୟରେ ସୁପୋଷିତ ଓଡିଶା ମିଶନ ପ୍ରଶିକ୍ଷଣ

**ସମ୍ବଲପୁର:** ଯୁଯୋମୁରା ବ୍ଲକ ମହୁଲପାଲି ସ୍ଥିତ ପାର୍ବତୀ ଗିରି ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ତରଫରୁ ସୁପୋଷିତ ଓଡିଶା ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗ ଓ ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକାରୀ ହେଉଥିବା ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଆସୁଥିବା ପ୍ରତ୍ୟୋକ ଶିଶୁମାନଙ୍କୁ କୁପୋଷଣ ମୁକ୍ତ କରିବା ସହ ସେମାନଙ୍କୁ ସୁସ୍ଥ ଓ ସବଳ କରି ଗଢିତୋଳିବା । ଏଥିପାଇଁ ସାରା ଓଡ଼ିଶାର ୩୦ ଜିଲ୍ଲାରେ ଆଗାମୀ ମାସରେ ଏନ୍ ଏସ୍ ଏସ୍ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ପରିଦର୍ଶନ କରି ଶିଶୁ ମାନଙ୍କ ଉଚ୍ଚତା ଓ ଓଜନ ପରିମାପ ପୂର୍ବକ ସେମାନଙ୍କ ମୂଲ୍ୟାଙ୍କନ କରିବେ । ସ୍ୱେଚ୍ଛାସେବୀ ମାନଙ୍କ ସଫଳ କାର୍ଯ୍ୟ ପରିଚାଳନା ପାଇଁ ଆୟୋଜିତ ଆଜିର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗିରିଶ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଶିକ୍ଷିକା ଭାବେ ଯୁଯୋମୁରା ବ୍ଲକ ଆଇସିଡ଼ିଏସ୍ ସୁପରଭାଇଜର ରେଣୁବାଳା ପ୍ରଧାନ ଯୋଗଦେଇଥିଲେ । ଓ ସ୍ୱେଚ୍ଛାସେବୀ ମାନଙ୍କୁ ଆବଶ୍ୟକ ମାର୍ଗଦର୍ଶନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ ପ୍ରଧାନ ସଂଯୋଜନା କରିଥିଲେ । ଏହି କାର୍ଯ୍ୟ ପାଇଁ ମନୋନିତ ସମସ୍ତ ୨୬ ଜଣ ମହିଳା ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ଅଙ୍ଗନବାଡି କର୍ମୀ ଅର୍ଚ୍ଚିତା ଛତ୍ରୀଆ ଓ ଉର୍ବସି ଭୋଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ନଦୀକୁ ମାଛ ଧରିବାକୁ ଯାଇ ବୃଦ୍ଧ ନିଖୋଜ



ଅସ୍ତରଙ୍ଗ(ମହାଭାରତ): ଆଲସାହି ପଞ୍ଚାୟତ ବରାଙ୍ଗ ଗାଁର ବିପିନ ସାହୁ(୬୫) ନଦୀକୁ ମାଛ ଧରିବାକୁ ଯାଇ ଗତକାଲି ଠାରୁ ନିଖୋଜ ରହିଛନ୍ତି । ତାଙ୍କର କୌଣସି ଖୋଜ୍ ଖବର ମିଳୁନଥିଲା ବେଳେ ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଭଉଁରିଆ ନଦୀରେ ପୁଇଁଚାନ୍ଦୁଆ ଠୁ ଭାତହାଣ୍ଡିଆ ନଦୀ ରେ ଖୋଜାଖୋଜି ଆରମ୍ଭ କରିଛି,ସୂଚନାନୁସାରେ ଗତକାଲି ବରାଙ୍ଗ ଗାଁର ବିପିନ ସାହୁ ଭଉଁରିଆ ନଦୀ ସଂଲଗ୍ନ ନିକଟରେ ବହିଯାଉଥିବା ଜୋର ବା ସ୍ଥାନୀୟ ଅଞ୍ଚଳରେ କୁହାଯାଉଥିବା ଭାତହାଣ୍ଡିଆ ନଦୀକୁ ମାଛ ଧରିବାକୁ ଯାଇଥିଲେ । ରାତି ସୁଧା ନଫେରିବାରୁ ପରିବାର ଓ ସ୍ଥାନୀୟ ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ୨୪ ଘଣ୍ଟା ପରେ ବି ତାଙ୍କର ପତା ମିଳୁନି । ଏନେଇ ଖବର ପାଇ ଅଗ୍ନିଶମ ବିଭାଗର ଉଦ୍ଧାରକାରୀ ଟିମ୍ ସ୍ଥାନୀୟ ଜୋର ସମେତ ଭଉଁରିଆଁ ନଦୀରେ ଖୋଜିବା ଆରମ୍ଭ କରିଛି । ସେପଟେ ନିଖୋଜ ବ୍ୟକ୍ତିଙ୍କ ପରିବାର ଓ ଗ୍ରାମବାସୀ ଏହି ଘଟଣାକୁ ନେଇ ଚିନ୍ତାରେ ଅଛନ୍ତି ।

## ବଲାଙ୍ଗୀରରେ ମହିଳାଙ୍କ ପରିବେଶ ସଚେତନତା

**ବଲାଙ୍ଗୀର,:**"ଗୋଟିଏ ଗଛ,ଗୋଟିଏ ଜୀବନ,ଗୋଟିଏ ଭବିଷ୍ୟତ" ।ଏହି ସଚେତନତାମୂଳକ ବାର୍ତ୍ତାକୁ ଆଧାର କରି ଉତ୍କଳ ମହିଳା ବିକାଶ ପରିଷଦ ପକ୍ଷରୁ ବଲାଙ୍ଗୀର ସହରସ୍ଥିତ ପ୍ରୋଜେକ୍ଟ କଲୋନୀ ବ୍ଲକ ସ୍କୁଲ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ପରିବେଶ ସୁରକ୍ଷା ସହିତ ଛାତ୍ରଛାତ୍ରୀଙ୍କ ମନରେ ସବୁଜ ପରିବେଶ ପ୍ରତି ଦାୟିତ୍ୱବୋଧ ଓ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ପରିଷଦର ସଭାପତି ସଂଯୁକ୍ତା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ଅଭିଯାନରେ ସମ୍ପାଦିକା ନିହାରିକା ମିଶ୍ରଙ୍କ ସମେତ ପରିଷଦର ସମସ୍ତ ସଦସ୍ୟା ଯୋଗଦେଇଥିଲେ ।ଏଥିରେ ବିଦ୍ୟାଳୟ ର ଶିକ୍ଷୟିତ୍ରୀ,ପ୍ରଧାନ ଶିକ୍ଷୟିତ୍ରୀ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ମଧ୍ୟ ସକ୍ରିୟ ଭାବେ ସାମିଲ ହୋଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ।

# ନାବାଳିକାକୁ ଆକ୍ରମଣ କରି ଅପହରଣ ଉଦ୍ୟମରେ ୬ ଅଭିଯୁକ୍ତ ଗିରଫ



ରେଢ଼ାଖୋଲ (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ଥାନା ଅଧୀନ ଡୁମାମହୁଲ ଗ୍ରାମର ଜଣେ ୧୨ ବର୍ଷୀୟ ନାବାଳିକା ଙ୍କୁ ସଂଘବଦ୍ଧ ଭାବରେ ଆକ୍ରମଣ କରି ଅପହରଣ ଉଦ୍ୟମରେ ୬ ଜଣ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଛି ନାକଟିଦେଉଳ ପୋଲିସ। ଅଭିଯୁକ୍ତ ମାନେ ହେଲେ କିସିଣ୍ଡା ଥାନା କଞ୍ଚନପୁର ଗ୍ରାମର ଅରୁଣ କିସାନ,ବଳମ ଗ୍ରାମର ଲିଙ୍ଗନ ଭୁଡିଆ, ରାହୁଲ ବସନ୍ତରା ଏବଂ ଟିକେଶ୍ୱର ସାହୁ ସମେତ ମୁଖ୍ୟ ଅଭିଯୁକ୍ତ ମାନସ କିସାନ। ସୂଚନା ଅନୁଯାୟୀ ଡୁମାମହୁଲ ଗ୍ରାମର ଜଣେ ୧୨ ବର୍ଷୀୟ ନାବାଳିକା କୁ କିସିଣ୍ଡା ଥାନା ଅନ୍ତର୍ଗତ ବଲାସିଙ୍ଗା ଗ୍ରାମର ମାନସ କିସାନ ନାମକ ଜଣେ ୧୭ ବର୍ଷର ନାବାଳକ ବାରମ୍ବାର ଫୋନ୍ କରି ହଇରାଣ ହରକତ କରି ଆସୁଥିଲା। ଗତ ୩୦ ତାରିଖ ଦିନ ଉକ୍ତ ଅଭିଯୁକ୍ତ ଜଣଙ୍କ ଫୋନ୍ କରିବାରୁ ନାବାଳିକାର ମାଆ ତାକୁ ପରିଚୟ ମାଗି ଆଉ ଫୋନ୍ ନ କରିବାକୁ ତାଗିଦ କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମାନସ ତାର ଅନ୍ୟ ୫ ଜଣ ସହଯୋଗୀଙ୍କ ସହ ୨ଟି ବାଇକ୍ ରେ ଆସି ରାତ୍ରି ୮ ଟାରେ ଘର ଭିତରୁ ସଂମ୍ପୃକ୍ତ ନାବାଳିକା ର ଚୁଟି କୁ ଟାଣି ଘୋଷାଡି ଘୋଷାଡି ରାସ୍ତା ଉପରକୁ ଆଣି ମାଡ଼ ମାରିବା ସହ ଛୁରୀ ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ତେବେ ଏହି ସମୟରେ ପାଟିତୁଣ୍ଡ ଶୁଣି ଗାଁ ଲୋକ ସେଠାରେ ପହଞ୍ଚି ଯିବାରୁ ଅଭିଯୁକ୍ତ ମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ନାବାଳିକା ପରିବାର ଲୋକେ ନାକଟିଦେଉଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ସେମାନଙ୍କ ଠାରୁ ଗୋଟିଏ ଛୁରୀ, ମୋବାଇଲ ଦୁଇଟି ବାଇକ ଜବତ କରି ଉକ୍ତ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଉଥିବା ଜଣାପଡ଼ିଛି।

## ଇରାନ ଯୁଦ୍ଧରେ ଆମେରିକାର କ୍ଷେପଣାସ୍ତ୍ର ଭଣ୍ଡାର ଖାଲି ହେଉଛି: ଚୀନ୍ ଓ ରୁଷ୍ ବିରୋଧରେ ଯୁଦ୍ଧ ପ୍ରସ୍ତୁତି ନେଇ ବଢ଼ିଲା ଚିନ୍ତା



ୱାସିଂଟନ: ଇରାନ ବିରୋଧରେ ଛଅ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧ ଯୋଗୁ ଆମେରିକାର କ୍ଷେପଣାସ୍ତ୍ର ଓ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଭଣ୍ଡାର ଦ୍ରୁତ ଗତିରେ କମିବାରେ ଲାଗିଛି। ଇରାନ ପକ୍ଷରୁ ଲଗାତାର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ଆମେରିକା ହଜାର ହଜାର ପ୍ରତିରୋଧୀ କ୍ଷେପଣାସ୍ତ୍ରବ୍ୟବହାର କରିଛି। ଫଳରେ ନିଜର ଭଣ୍ଡାର ଉପରେ ଚାପ ବଢ଼ିବା ସହ ଆମେରିକାକୁ ୟୁରୋପ ଓ ଏସିଆରେ ରଖାଯାଇଥିବା ଅସ୍ତ୍ର ମଧ୍ୟପ୍ରାଚ୍ୟକୁ ପଠାଇବାକୁ ପଡୁଛି। ଆମେରିକାର ପ୍ୟାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀର ପ୍ରତିରୋଧୀ କ୍ଷେପଣାସ୍ତ୍ର ଭଣ୍ଡାରରେ ସବୁଠାରୁ ଅଧିକ ହ୍ରାସ ଦେଖାଯାଇଛି। ରଏଟର୍ସ ଓ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ ଆଣ୍ଡ୍ ଇଣ୍ଟର୍‌ନ୍ୟାସନାଲ୍ ଷ୍ଟଡିଜ୍ (ସିଏସ୍‌ଆଇଏସ୍)ର ତଥ୍ୟ ଅନୁସାରେ, ଯୁଦ୍ଧ ଆରମ୍ଭ ପୂର୍ବରୁ ଆମେରିକା ପାଖରେ ପ୍ରାୟ ୨,୩୩୦ଟି ପ୍ୟାଟ୍ରିଅଟ୍ ପ୍ରତିରୋଧୀ କ୍ଷେପଣାସ୍ତ୍ର ଥିଲା। ଫେବୃଆରିରୁ ଜୁଲାଇ ମଧ୍ୟରେ ଏହାର ପ୍ରାୟ ୬୫ ପ୍ରତିଶତ ବ୍ୟବହାର ହୋଇଯାଇଛି ଏବଂ ଏବେ ୮୫୦ରୁ କମ୍ କ୍ଷେପଣାସ୍ତ୍ର ରହିଥିବା କୁହାଯାଉଛି। ଇରାନୀ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ୍‌କୁ ରୋକିବା ପାଇଁ ଅନେକ ସମୟରେ ଆମେରିକାକୁ ଗୋଟିଏ ଲକ୍ଷ୍ୟ ବିରୋଧରେ ଦୁଇ କିମ୍ବା ତିନିଟି ପ୍ରତିରୋଧୀ କ୍ଷେପଣାସ୍ତ୍ର ବ୍ୟବହାର କରିବାକୁ ପଡୁଛି।

ଫଳରେ ଭଣ୍ଡାର ଉପରେ ଚାପ ବଢ଼ିଛି। ପ୍ୟାଟ୍ରିଅଟ୍ ପ୍ରତିରୋଧୀ କ୍ଷେପଣାସ୍ତ୍ର ବର୍ଷକୁ ପ୍ରାୟ ୬୦୦ଟି ଉତ୍ପାଦନ କରାଯାଉଥିବା ବେଳେ ଗୋଟିଏ କ୍ଷେପଣାସ୍ତ୍ର ତିଆରି ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ସମୟ ଲାଗିପାରେ। କେବଳ ପ୍ୟାଟ୍ରିଅଟ୍ ନୁହେଁ, ଟମାହକ୍, ଏଟିଏସିଏମ୍‌ଏସ୍ ଓ ପ୍ରିସିଜନ୍ ଷ୍ଟ୍ରାଇକ୍ ମିସାଇଲ୍ ଭଳି ଦୂରଗାମୀ କ୍ଷେପଣାସ୍ତ୍ରର ଭଣ୍ଡାର ମଧ୍ୟ କମିଛି। ଅଗଷ୍ଟରେ ରଏଟର୍ସ ପ୍ରକାଶ କରିଥିଲା ଯେ ଆମେରିକା ସେନା ଏଟିଏସିଏମ୍‌ଏସ୍ ଓ ପ୍ରିସିଜନ୍ ଷ୍ଟ୍ରାଇକ୍ ମିସାଇଲ୍‌ର ପ୍ରାୟ ସମସ୍ତ ଭଣ୍ଡାର ବ୍ୟବହାର କରିସାରିଛି। ଏହି ପରିସ୍ଥିତି ଆମେରିକାର ଚୀନ୍ ଓ ରୁଷ୍ ବିରୋଧରେ ସାମରିକ ପ୍ରସ୍ତୁତି ନେଇ ଚିନ୍ତା ବଢ଼ାଇଛି। ଏସିଆରେ ଜାପାନ, ଦକ୍ଷିଣ କୋରିଆ ଓ ତାଇୱାନ୍ ଭଳି ଆମେରିକୀୟ ସହଯୋଗୀ ଦେଶଗୁଡ଼ିକ ମଧ୍ୟ ଅସ୍ତ୍ର ଯୋଗାଣରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଆମେରିକାର ଅସ୍ତ୍ର ଭଣ୍ଡାର ପୁଣି ପୂରଣ କରିବାକୁ ଅନେକ ବର୍ଷ ଲାଗିପାରେ ବୋଲି ରିପୋର୍ଟରେ କୁହାଯାଇଛି।

## ଦିଲ୍ଲୀରେ ପହଞ୍ଚିଲା ୧୦ ଲକ୍ଷ କିଲୋ ପିଆଜ, ଏଥର କିଲୋପିଛା ୩୫ ଟଙ୍କାରେ ହେବ ବିକ୍ରି !



ନୂଆଦିଲ୍ଲୀ: ଦିଲ୍ଲୀବାସୀଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର । ଦିଲ୍ଲୀରେ ବଢୁଥିବା ପିଆଜ ଦର ମଧ୍ୟରେ ଏବେ ଲୋକଙ୍କୁ ଆଉ କିଲୋ ପିଛା ୫୦ କିମ୍ବା ୬୦ ଟଙ୍କାରେ ପିଆଜ କିଣିବାକୁ ପଡ଼ିବ ନାହିଁ । କାହିଁକିନା ପିଆଜ ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଦିଲ୍ଲୀକୁ ୧୦୦୦ ମେଟ୍ରିକ୍ ଟନ୍, ଅର୍ଥାତ୍ ୧୦ ଲକ୍ଷ କିଲୋଗ୍ରାମ ପିଆଜ ଯୋଗାଇବେ । ସବୁଠାରୁ ବଡ଼ କଥା ହେଉଛି, ସରକାର ପିଆଜର ଦର ଧାର୍ଯ୍ୟ କରିଛନ୍ତି । ଲୋକଙ୍କୁ କିଲୋପିଛା ୩୫ ଟଙ୍କାରେ ପିଆଜ ବିକ୍ରି କରାଯିବ । ଦିଲ୍ଲୀ ସରକାରଙ୍କ ଅନୁସାରେ, କେନ୍ଦ୍ରରୁ ଆସୁଥିବା ପିଆଜ ଉଚିତ୍ ଦର ଦୋକାନ ମାଧ୍ୟମରେ ବିକ୍ରି ହେବ । ଏଠାରେ ବଜାର ଦରଠାରୁ କମ୍ ମୂଲ୍ୟରେ ଉପଭୋକ୍ତାଙ୍କୁ ୩୫ ଟଙ୍କା କିଲୋରେ ପିଆଜ ମିଳିବ । ଶସ୍ତା ପିଆଜ କେବଳ ରାସନ ଦୋକାନରେ ସୀମିତ ରହିବ ନାହିଁ । ଦିଲ୍ଲୀର ସମସ୍ତ ୧୩ଟି ଜିଲ୍ଲାରେ ଗୋଟିଏ ଲେଖାଏଁ ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ମଧ୍ୟ ପିଆଜ ବିକ୍ରି କରାଯିବ । ଏହି ଭ୍ୟାନ୍‌ଗୁଡ଼ିକ ବିଭିନ୍ନ ଅଞ୍ଚଳକୁ ଯାଇ ୩୫ ଟଙ୍କା କିଲୋ ଦରରେ ପିଆଜ ଯୋଗାଇବ । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି ଯେ, ଦିଲ୍ଲୀରେ ପିଆଜ ସଙ୍କଟ ସୃଷ୍ଟି ହେବାକୁ ଦିଆଯିବ ନାହିଁ । ସରକାର ପିଆଜର ଦର ଓ ଉପଲବ୍ଧତା ଉପରେ ନିରନ୍ତର ନଜର ରଖିଛି । ସରକାରଙ୍କ ଲକ୍ଷ୍ୟ ହେଉଛି, ଦିଲ୍ଲୀରେ ପିଆଜର କୌଣସି ଅଭାବ ନହେଉ ଏବଂ ସାଧାରଣ ଲୋକଙ୍କୁ କିଲୋପିଛା ୩୫ ଟଙ୍କା ଦରରେ ପିଆଜ ମିଳୁ ।

## ସିବିଆଇ ଦ୍ୱାରା ୭,୨୨୯ ଦୁର୍ନୀତି ମାମଲାର ବିଚାର ବିଳମ୍ବିତ





ନୂଆଦିଲ୍ଲୀ: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ କରିଥିବା ୭,୨୨୯ଟି ଦୁର୍ନୀତି ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଛି। ସେଥିରୁ ୪୦୯ଟି ମାମଲା ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଛି। କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ୨୦୨୫ ବାର୍ଷିକ ରିପୋର୍ଟରେ ଏହି ତଥ୍ୟ ଦିଆଯାଇଛି। ୩୧ ଡିସେମ୍ବର ୨୦୨୫ ସୁଦ୍ଧା ସ୍ଥିତିକୁ ନେଇ ଏହି ତଥ୍ୟ ପ୍ରସ୍ତୁତ ହୋଇଛି।

ରିପୋର୍ଟ ଅନୁସାରେ, ମୋଟ ବିଚାରାଧୀନ ୭,୨୨୯ ମାମଲା ମଧ୍ୟରୁ ୧,୬୧୨ଟି ୩ ବର୍ଷରୁ କମ୍ ସମୟ ଧରି ରହିଛି। ୮୬୦ଟି ମାମଲା ୩ରୁ ୫ ବର୍ଷ ମଧ୍ୟରେ ଏବଂ ୧,୯୦୧ଟି ୫ରୁ ୧୦ ବର୍ଷ ମଧ୍ୟରେ ବିଚାରାଧୀନ ଅଛି। ଦୁର୍ନୀତି ନିବାରଣ ଆଇନ ଅଧୀନରେ ଥିବା ୨,୪୪୭ଟି ମାମଲା ୧୦ରୁ ୨୦ ବର୍ଷ ହେଲା ପଡ଼ିରହିଛି। ଏହାଛଡ଼ା ୨୦ ବର୍ଷରୁ ଅଧିକ ପୁରୁଣା ୪୦୯ଟି ମାମଲାର ବିଚାର ଶେଷ ହୋଇନାହିଁ। ସିବିଆଇ ତଦନ୍ତ ସମ୍ପର୍କିତ ମାମଲାରେ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ମଧ୍ୟ ବହୁ ସଂଖ୍ୟକ ଅପିଲ୍, ପୁନର୍ବିଚାର ଆବେଦନ ଓ ରିଟ୍ ଆବେଦନ ବିଚାରାଧୀନ ରହିଛି। ଏପରି ମାମଲାର ସଂଖ୍ୟା ୧୪,୦୮୩। ସେଥିରୁ ୭୩୯ଟି ୨୦ ବର୍ଷରୁ ଅଧିକ, ୧,୩୪୭ଟି ୧୫ରୁ ୨୦ ବର୍ଷ ଏବଂ ୩,୧୬୧ଟି ୧୦ରୁ ୧୫ ବର୍ଷ ଧରି ଅଟକିଛି। ଆଉ ୩,୮୫୪ଟି ମାମଲା ୫ରୁ ୧୦ ବର୍ଷ ହେଲା ବିଚାରାଧୀନ ରହିଛି।

ସିଭିସି ରିପୋର୍ଟରେ ସିବିଆଇ ତଦନ୍ତରେ ବିଳମ୍ବର କେତେକ କାରଣ ମଧ୍ୟ ଦର୍ଶାଯାଇଛି। ବିଦେଶରୁ ସୂଚନା ପାଇଁ ପଠାଯାଉଥିବା ଚିଠିର ଉତ୍ତର ମିଳିବାରେ ବିଳମ୍ବ, ବିପୁଳ ପରିମାଣର ଦଲିଲ ଯାଞ୍ଚ, ବ୍ୟାଙ୍କ ଠକେଇ ଓ ଆର୍ଥିକ ଅପରାଧ ମାମଲାର ଜଟିଳତା ଏବଂ ଦୂରସ୍ଥ ଅଞ୍ଚଳରେ ଥିବା ସାକ୍ଷୀଙ୍କୁ ଖୋଜି ଜେରା କରିବା ଭଳି କାରଣରୁ ତଦନ୍ତରେ ସମୟ ଲାଗୁଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ୨୦୨୫ରେ ସିବିଆଇ ୧,୦୦୫ଟି ମାମଲା ରୁଜୁ କରିଥିଲା। ସେହି ବର୍ଷ ୬୫୪ଟି ମାମଲାର ନିଷ୍ପତ୍ତି ହୋଇଥିବାବେଳେ ୪୭୩ଟି ଦୁର୍ନୀତି ମାମଲାର ତଦନ୍ତ ଚାଲିଥିଲା। ସିବିଆଇ ପାଇଁ ସାଧାରଣତଃ ମାମଲା ରୁଜୁ ହେବାର ଏକ ବର୍ଷ ମଧ୍ୟରେ ତଦନ୍ତ ଶେଷ କରି ଆବଶ୍ୟକ ହେଲେ ଅଦାଲତରେ ଅଭିଯୋଗପତ୍ର ଦାଖଲ କରିବା ଆଶା କରାଯାଏ।

## ଚିରାଗ ପାଶ୍ୱାନଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ: କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ ହତ୍ୟା ଧମକ ମିଳିଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଦାୟିତ୍ୱରେ ଥିବା ଲୋକ ଜନଶକ୍ତି ପାର୍ଟି ମୁଖ୍ୟ ପାଶ୍ୱାନଙ୍କୁ କୁଖ୍ୟାତ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯିବ ବୋଲି ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଏହି ଘଟଣା ସଂକ୍ରାନ୍ତରେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ କେନ୍ଦ୍ରମନ୍ତ୍ରୀ ଅମିତ ଶାହଙ୍କୁ ଅବଗତ କରାଯାଇଛି। ସିଆର୍‌ପିଏଫ୍ ଓ ବିହାର ସରକାର ନଜରକୁ ମଧ୍ୟ ଏହା ଅଣାଯାଇଛି। ପାଶ୍ୱାନଙ୍କ ସଚିବଙ୍କ ନିକଟରୁ ଗୃହ ମନ୍ତ୍ରାଳୟକୁ ଏକ ଚିଠି ପଠାଯାଇଛି ଏବଂ ଏଥିରେ ଲେଖାଯାଇଛି ଯେ ଏକ ଦସ୍ତଖତ ନ ଥିବା ଚିଠି ଆସିଛି।

ଏଥିରେ ୨ଟି ମୋବାଇଲ୍ ନମ୍ବର ରହିଛି। ଏହାକୁ ଖୋଲିବାପରେ ଏଥିରେ ସିଧାସଳଖ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀଙ୍କୁ ହତ୍ୟା ଧମକ ମିଳିଛି। ଚିଠିରେ ଲେଖାଯାଇଛି ଖୁବ୍‌ଶୀଘ୍ର ଆପଣଙ୍କୁ କୁଖ୍ୟାତ ଆତଙ୍କବାଦୀଙ୍କ ଦ୍ୱାରା ହତ୍ୟା କରାଯିବ। ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ ହୋଇଛି ଏବଂ ଆବଶ୍ୟକ ପଡ଼ିଲେ ପାଶ୍ୱାନଙ୍କ ସୁରକ୍ଷା ବୃଦ୍ଧି କରାଯିବ।



## ଜଳକୁ ଅସ୍ତ୍ର କରାଯାଇପାରିବ ନାହିଁ: ଶେହବାଜ



ନୂଆଦିଲ୍ଲୀ: ଭାରତ ସିନ୍ଧୁଜଳ ଚୁକ୍ତିକୁ ନେଇ ହେଗ୍‌ସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ରାୟକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଏହି ପ୍ରସଙ୍ଗକୁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଉଠାଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ। ମଙ୍ଗଳବାର ଏସ୍‌ସିଓର ରାଷ୍ଟ୍ରମୁଖ୍ୟ ପରିଷଦକୁ ସମ୍ବୋଧିତ କରି ଶେହବାଜ କହିଛନ୍ତି, ଜଳକୁ କେବେ ବି ରାଜନୈତିକ ଚାପ କିମ୍ବା ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଶେହବାଜ କହିଛନ୍ତି, ସିନ୍ଧୁଜଳ ଏହି ଅଞ୍ଚଳର ଜୀବନରେଖା। ଏହା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଧାରଣରେ ସହାୟକ ହେବା ସହ କୃଷିକୁ ସମର୍ଥନ କରୁଛି। ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ମଧ୍ୟ ଜଳ ଅତ୍ୟନ୍ତ ଜରୁରୀ। ତେଣୁ ମିଳିତ ଜଳସମ୍ପଦକୁ ଚାପ କିମ୍ବା ରାଜନୈତିକ ଲାଭ ହାସଲର ମାଧ୍ୟମ କରାଯିବା ଉଚିତ ନୁହେଁ। ସେ ଆହୁରି କହିଛନ୍ତି, ଦୁଇ ଦେଶ ମଧ୍ୟରେ ମିଳିତ ଜଳସମ୍ପଦ ସମ୍ପର୍କିତ ଚୁକ୍ତିଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ବାଧ୍ୟତାମୂଳକ ପ୍ରତିବଦ୍ଧତା। ରାଜନୈତିକ ସୁବିଧା ଅନୁଯାୟୀ ଏଗୁଡ଼ିକୁ ଏକପାଖିଆ ଭାବେ ଅଣଦେଖା କରାଯାଇପାରିବ ନାହିଁ। ଚୁକ୍ତିଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପାଳନ କରାଯିବା ଆବଶ୍ୟକ ବୋଲି ଶେହବାଜ କହିଛନ୍ତି। ତାଙ୍କ ଏହି ମନ୍ତବ୍ୟ ଭାରତ ହେଗ୍‌ସ୍ଥିତ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ରାୟକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଆସିଛି। ୧୯୬୦ର ସିନ୍ଧୁଜଳ ଚୁକ୍ତି ଏବେ ବି ଆଇନଗତ ଭାବେ ବଳବତ୍ତର ଥିବା ଏବଂ ଚୁକ୍ତିରେ ଥିବା ବ୍ୟବସ୍ଥା ଅନୁଯାୟୀ ଭାରତ-ପାକିସ୍ତାନ ବିବାଦର ବିଚାର ଜାରି ରହିପାରିବ ବୋଲି କୋର୍ଟ କହିଥିଲା। ତେବେ ଭାରତ ଏହି ରାୟକୁ ଗ୍ରହଣ କରିନାହିଁ। ବିଦେଶ ମନ୍ତ୍ରଣାଳୟ କହିଛି, ଭାରତ ଏହି କୋର୍ଟକୁ ସ୍ୱୀକାର କରେନାହିଁ ଏବଂ ଏହାର ପ୍ରକ୍ରିୟାରେ ମଧ୍ୟ କେବେ ବି ଭାଗ ନେଇନାହିଁ। ଏହି ଟ୍ରିବ୍ୟୁନାଲ୍‌କୁ 'ବେଆଇନ ଭାବେ ଗଠିତ' ବୋଲି ଭାରତ କହିବା ସହ ଏହାର କୌଣସି ଅଧିକାରକ୍ଷେତ୍ର ନାହିଁ ବୋଲି ସ୍ପଷ୍ଟ କରିଛି। ୨୦୨୫ ଏପ୍ରିଲର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହି ଜଳ ବିବାଦକୁ ଦକ୍ଷିଣ ଏସିଆରେ ଶାନ୍ତି ଓ ଆଞ୍ଚଳିକ ସହଯୋଗ ସହ ଯୋଡ଼ିଛନ୍ତି। ଏହି ସମୟରେ ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଆତଙ୍କବାଦ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ସଦସ୍ୟ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଆଶ୍ରୟ ଓ ସମର୍ଥନ ଦେଉଥିବା ଦେଶ ବିରୋଧରେ ଦୃଢ଼ ଅନ୍ତର୍ଜାତୀୟ ପ୍ରତିକ୍ରିୟା ଆବଶ୍ୟକ ବୋଲି ସେ କହିଛନ୍ତି।

## ନେପାଳ ବନ୍ୟାରେ ମୃତ ଭାରତୀୟଙ୍କ ମୃତଦେହ ଦେଶକୁ ଆଣିବାକୁ ୯ ପଦକ୍ଷେପ



ନୂଆଦିଲ୍ଲୀ: ନେପାଳରେ ସମ୍ପ୍ରତି ହୋଇଥିବା ବନ୍ୟାରେ ମୃତ ବିଦେଶୀ ନାଗରିକଙ୍କ ମୃତଦେହ ଚିହ୍ନଟ ଓ ନିଜ ଦେଶକୁ ଫେରାଇବା ପ୍ରକ୍ରିୟା ସମ୍ପର୍କରେ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ୧ ସେପ୍ଟେମ୍ବରରେ ବିସ୍ତୃତ ସୂଚନା ଜାରି କରିଛି। ଏହା ଅଗଷ୍ଟ ୨୯ରେ ଜାରି ଦୂତାବାସର ବିବୃତିର ପରବର୍ତ୍ତୀ ପଦକ୍ଷେପ। ନେପାଳ ସରକାରଙ୍କ ନିୟମ ଅନୁସାରେ ବିଦେଶୀ ନାଗରିକଙ୍କ ମୃତଦେହ ହସ୍ତାନ୍ତର ପୂର୍ବରୁ ୯ଟି ପଦକ୍ଷେପ ଅନୁସରଣ କରାଯିବ। ଏଥିରେ ମୃତଦେହ ସମ୍ପର୍କିତ ଦଲିଲ ପ୍ରସ୍ତୁତି, ଫଟୋ ଓ ବିବରଣୀ ରେକର୍ଡ, ପୋଷ୍ଟମର୍ଟମ୍, ମୃତ୍ୟୁର କାରଣ ଯାଞ୍ଚ, ପରିଚୟ ନିଶ୍ଚିତୀକରଣ, ଫିଙ୍ଗରପ୍ରିଣ୍ଟ ଓ ଡିଏନ୍‌ଏ କିମ୍ବା ଅନ୍ୟ ଫୋରେନସିକ୍ ନମୁନା ସଂଗ୍ରହ, ପାସପୋର୍ଟ କିମ୍ବା ପରିଚୟପତ୍ର ଯାଞ୍ଚ, ଦୂତାବାସ ସହ ସମନ୍ୱୟ ଏବଂ ମୃତଦେହ ହସ୍ତାନ୍ତର ସମ୍ପର୍କିତ ମେମୋ ଓ ରସିଦ ପ୍ରସ୍ତୁତି ରହିଛି। ପ୍ରଥମ ୪ଟି ପଦକ୍ଷେପ ନେପାଳ କର୍ତ୍ତୃପକ୍ଷ ପୂରଣ କରିବେ। ନେପାଳ ପୁଲିସ ୱେବ୍‌ସାଇଟ୍‌ରେ ଥିବା ଫଟୋ ଓ ବିବରଣୀ ଦେଖି ସମ୍ପର୍କୀୟମାନେ ମୃତଦେହ ଚିହ୍ନଟ କରିପାରିଲେ, ଭାରତୀୟ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ କରି ମୃତଦେହ ଭାରତ ଆଣିବାରେ ସହାୟତା କରିବ। ସ୍ୱାସ୍ଥ୍ୟଜନିତ ବିପଦ ଏଡ଼ାଇବାକୁ ନେପାଳ ସରକାର ବହୁ ମୃତଦେହକୁ ଅସ୍ଥାୟୀ ଭାବେ ସମାଧି ଦେଇଛନ୍ତି। ଏଭଳି ମୃତଦେହ ଚିହ୍ନଟ ପାଇଁ ପ୍ରଥମ-ଶ୍ରେଣୀର ସମ୍ପର୍କୀୟଙ୍କ ସହ ଡିଏନ୍‌ଏ ମେଳ କରାଯିବ। ନେପାଳ କର୍ତ୍ତୃପକ୍ଷ ମୃତଦେହରୁ ଡିଏନ୍‌ଏ ନମୁନା ନେଇ ପ୍ରୋଫାଇଲ୍ ପ୍ରସ୍ତୁତ କରୁଛନ୍ତି। ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କୀୟମାନେ ନେପାଳ ପୁଲିସକୁ ଇ-ମେଲ୍‌ରେ ଡିଏନ୍‌ଏ ପ୍ରୋଫାଇଲ୍ ପଠାଇପାରିବେ କିମ୍ବା ଆବଶ୍ୟକ ପ୍ରାଥମିକ ସୂଚନା ସହ ରକ୍ତ ନମୁନା ଦେଇପାରିବେ। ଦୂତାବାସ ମାଧ୍ୟମରେ ସହାୟତା ଆବଶ୍ୟକ ହେଲେ ଡିଏନ୍‌ଏ ପ୍ରୋଫାଇଲ୍‌ର ନକଲ ଦୂତାବାସକୁ ମଧ୍ୟ ପଠାଯାଇପାରିବ। ଅଧିକ ସହାୟତା ଓ ପଚରାଉଚରା ପାଇଁ ଦୂତାବାସ ୩ଟି ହ୍ୱାଟ୍ସଆପ୍ ସୁବିଧାଯୁକ୍ତ ହେଲ୍ପଲାଇନ୍ ନମ୍ବର ଜାରି କରିଛି: +୯୭୭ ୯୮୫ ୧୩୧ ୬୮୦୭, +୯୭୭ ୯୭୦ ୯୧୦ ୭୫୦୦ ଏବଂ +୯୭୭ ୯୮୧ ୦୩୨ ୬୧୧୭।

## 'ଦଳିତ ବିପଦରେ': ଖଡ୍‌ଗେ 'ଶୁଦ୍ଧୀକରଣ' ବିବାଦକୁ ବଡ଼ ପ୍ରସଙ୍ଗ କରୁଛି କଂଗ୍ରେସ



ନୂଆଦିଲ୍ଲୀ: କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଉତ୍ତରାଖଣ୍ଡ ଗସ୍ତ ପରେ ଘଟିଥିବା କଥିତ 'ଶୁଦ୍ଧୀକରଣ' ଘଟଣାକୁ କଂଗ୍ରେସ ଏବେ ବଡ଼ ରାଜନୈତିକ ପ୍ରସଙ୍ଗରେ ପରିଣତ କରିବାକୁ ଉଦ୍ୟମ କରୁଛି। ଅଗଷ୍ଟ ୮ରେ ହାଲ୍‌ଦ୍ୱାନୀର ରାମଲୀଳା ମଇଦାନରେ ଖଡ୍‌ଗେ ଏକ ଦଳୀୟ ସଭାକୁ ସମ୍ବୋଧିତ କରିଥିଲେ। ଏହାର ଦୁଇ ଦିନ ପରେ ସେହି ସ୍ଥାନରେ 'ଶୁଦ୍ଧୀକରଣ ହବନ' କରାଯାଇଥିବା ନେଇ ବିବାଦ ଦେଖାଦେଇଥିଲା।

ଖଡ୍‌ଗେ ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଏହି ଘଟଣା ତାଙ୍କୁ ଦଳିତ ହୋଇଥିବାରୁ ଅପମାନିତ କରିଛି। ଏହାକୁ କଂଗ୍ରେସ ଜାତିଗତ ଭେଦଭାବ ଓ ଅସ୍ପୃଶ୍ୟତାର ଉଦାହରଣ ବୋଲି ଅଭିଯୋଗ କରିଛି। ଅନ୍ୟପକ୍ଷରେ ବିଜେପିଏହି ଘଟଣାରୁ ନିଜକୁ ଦୂରେଇ ରଖିଛି। ବିଜେପି ନେତାମାନେ କହିଛନ୍ତି, ଏହି କାର୍ଯ୍ୟକ୍ରମ ସହ ଦଳର କୌଣସି ସମ୍ପର୍କ ନାହିଁ। ଆୟୋଜକମାନେ ମଧ୍ୟ ଜାତିଗତ କାରଣକୁ ଅସ୍ୱୀକାର କରି ମଇଦାନରେ ମଇଳା ପଡ଼ିଥିବାରୁ ସଫା କରାଯାଇଥିବା କହିଛନ୍ତି। ପରେ କଂଗ୍ରେସ ଏହାକୁ କେବଳ ଖଡ୍‌ଗେଙ୍କ ଅପମାନର ପ୍ରସଙ୍ଗ ଭାବେ ନ ରଖି ଦଳିତ ସମ୍ମାନ, ସାମାଜିକ ସମାନତା ଓ ସମ୍ବିଧାନର ସୁରକ୍ଷା ସହ ଯୋଡ଼ିଛି।ଦଳର ଉତ୍ତରାଖଣ୍ଡ ପ୍ରଭାରୀ କୁମାରୀ ଶୈଳଜା ଅଭିଯୋଗ କରିଛନ୍ତି ଯେ, ଶୁଦ୍ଧୀକରଣ କରିଥିବା ଲୋକଙ୍କ ବିରୋଧରେ ମାମଲା ନ କରି ଏହାକୁ ନେଇ ପ୍ରଶ୍ନ ଉଠାଇଥିବା ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ କରାଯାଇଛି। କଂଗ୍ରେସ ଏହାକୁ ଦଳିତ ଓ ସମ୍ବିଧାନ ବିରୋଧୀ ମାନସିକତାର ଉଦାହରଣ ବୋଲି କହିଛି। ଏହି ମାମଲାରେ ଅଗଷ୍ଟ ୩୧ରେ ଉତ୍ତରାଖଣ୍ଡ ପୁଲିସ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏଫ୍‌ଆଇଆର୍ କରିବା ପରେ ବିବାଦ ଆହୁରି ତୀବ୍ର ହୋଇଛି। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର କେତେକ ଧାରା ସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିର୍ଯାତନା ନିବାରଣ ଆଇନର ଧାରା ଲଗାଯାଇଛି। କଂଗ୍ରେସ ଏହି ଘଟଣାକୁ ନେଇ ଆନ୍ଦୋଳନ ଆରମ୍ଭ କରିଛି। ଅଗଷ୍ଟ ୩୧ରେ ଦଳର ୨୦୦ରୁ ଅଧିକ କର୍ମୀ ଡେରାଡୁନରେ ପୁଲିସ ମୁଖ୍ୟାଳୟ ଅଭିମୁଖେ ମାର୍ଚ୍ଚ କରି ରାହୁଲଙ୍କ ବିରୋଧରେ ହୋଇଥିବା ଏଫ୍‌ଆଇଆର୍ ପ୍ରତ୍ୟାହାର ଓ ଶୁଦ୍ଧୀକରଣ କରିଥିବା ଲୋକଙ୍କ ବିରୋଧରେ ମାମଲା ଦାବି କରିଛନ୍ତି। ଆସନ୍ତା ୨୦୨୭ ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ବିବାଦ ଦଳିତ ଭୋଟ୍‌କୁ ନେଇ ବଡ଼ ରାଜନୈତିକ ପ୍ରସଙ୍ଗରେ ପରିଣତ ହେବାର ସମ୍ଭାବନା ରହିଛି।

**ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଦଳ**

# ଫେରିଲେ ସାମସନ ଓ ବୁମରା

## ଦଳରେ ଆହତ ସମସ୍ୟା, ବାଦ୍ ପଡ଼ିଲେ ରିଙ୍କୁଙ୍କ ସହ ୭ ଖେଳାଳି

ମୁମ୍ବାଇ,୧।୯: ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ ପାଇଁ ଆଜି ବିସିସିଆଇ ଘୋଷଣା କରିଛି ୧୫ ଜଣିଆ ସ୍କ୍ୱାଡ। ଇଂଲଣ୍ଡ ବିପକ୍ଷ ସିରିଜ ପରେ ଟିମରୁ ବାଦ ପଡିଥିବା ଓପନର ସଞ୍ଜୁ ସାମସନ ପୁଣି କମବ୍ୟାକ କରିଛନ୍ତି। ତାଙ୍କ ସହ ଷ୍ଟାରଷ୍ଟାର ଯଶପ୍ରୀତ ବୁମ୍ରା ମଧ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ନଜର ଆସିବେ।

ୱାର୍କଲୋଡ ମ୍ୟାନେଜମେଣ୍ଟ ଓ ଆହତ ସମସ୍ୟା





କାରଣରୁ ବୁମ୍ରା ବେଶ କିଛି ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। କିନ୍ତୁ ତାଙ୍କର ପ୍ରତ୍ୟାବର୍ତ୍ତନ ହୋଇଛି। ତଥାପି ଆଫଗାନିସ୍ତାନ ବିପକ୍ଷ ସିରିଜରେ ତାଙ୍କ ଯୋଗଦାନ ଫିଟନେସ ଉପରେ ନିର୍ଭର କରିବ। ତେବେ ଆହତ ସମସ୍ୟା କାରଣରୁ ଆଇପିଏଲ ପର ଠାରୁ ଟିମ ଇଣ୍ଡିଆରୁ ବାଦ ପଡିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାଁ ୧୫ ଜଣିଆ ସ୍କ୍ୱାଡରେ ନାହିଁ। ସେ ଆହତ ସମସ୍ୟାରୁ ସଂପୂର୍ଣ୍ଣ ମୁକୁଳି ନଥିବାରୁ ତାଙ୍କୁ ଆଫଗାନିସ୍ତାନ ବିପକ୍ଷ ସିରିଜରୁ ବାଦ ଦିଆଯାଇଛି।

ସ୍କ୍ୱାଡରେ ହର୍ଷିତ ରାଣା, ୱାଶିଂଟନ ସୁନ୍ଦର ଓ ନୀତୀଶ କୁମାର ରେଡ୍ଡୀ ରହିଥିଲେ ହେଁ ସିରିଜରେ ଏହି ଖେଳାଳିମାନେ ଖେଳିବେ କି ନାହିଁ, ସେକଥା ସେମାନଙ୍କ ଫିଟନେସ ଉପରେ ନିର୍ଭର କରେ ବୋଲି ବିସିସିଆଇ କହିଛି। ଏହି ୩ ଖେଳାଳି ଓ ବୁମରା। ଏଯାଏ ସଂପୂର୍ଣ୍ଣ ଭାବେ ଫିଟ ହୋଇ ନାହାନ୍ତି। କିନ୍ତୁ ସେମାନଙ୍କୁ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରେ ରଖାଯାଇଛି। ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ପୁଣି ଭାରତୀୟ ସିନିୟର ଟିମରେ ନିଜର ସ୍ଥାନ ବଜାୟୀ ରଖିଛନ୍ତି। ଇଂଲଣ୍ଡ ବିପକ୍ଷରେ ଡେବ୍ୟୁ କରିଥିବା ସୂର୍ଯ୍ୟବଂଶୀ ଜିମ୍ବାୱେ ବିପକ୍ଷ ସିରିଜରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଏଥିପାଇଁ ତାଙ୍କୁ ଶ୍ରେୟସ ଆୟରଙ୍କ ଭାରତୀୟ ଟିମରେ ପୁଣି ରଖାଯାଇଛି। ପୂର୍ବଭଳି ତିଳକ ବର୍ମା ଉପ ଅଧିନାୟକ ଦାୟିତ୍ୱରେ ରହିବେ। ଅଭିଷେକ ଶର୍ମା, ଇଶାନ କିଶନ, ଶିବମ ଦୁବେ, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ ଓ ରବି ବିଷ୍ଣୋଇ ମଧ୍ୟ ୧୫ ଜଣିଆ ସ୍କ୍ୱାଡରେ ରହିଛନ୍ତି। ଆୟର୍ଲ୍ୟାଣ୍ଡ ବିପକ୍ଷରେ କମାଲ କରିଥିବା ପ୍ରିନ୍ସ ଯାଦବ ଆଫଗାନିସ୍ତାନ ବିପକ୍ଷ ସିରିଜରୁ ବାଦ ପଡିଛନ୍ତି। ପ୍ରିନ୍ସଙ୍କ ବ୍ୟତୀତ ଜିମ୍ବାୱେ ବିପକ୍ଷ ସିରିଜରେ ଥିବା ଆଉ ୭ ଜଣ ଖେଳାଳି ମଧ୍ୟ ଆଫଗାନିସ୍ତାନ ସିରିଜରେ ନାହାନ୍ତି। ରିଙ୍କୁ ସିଂହ, ସୂର୍ଯ୍ୟାଂଶ ଶେଡଗେ, ହର୍ଷ ଦୁବେ, ପ୍ରବସିମରନ ସିଂହ, ଯାଶ ଠାକୁର, ମୟଙ୍କ ଯାଦବ ଓ ଅଶୋକ ଶର୍ମା ଜିମ୍ବାୱେ ବିପକ୍ଷ ସିରିଜରେ ରହିଥିଲେ। ହେଲେ ଏହି ଯୁବ ଖେଳାଳିମାନେ ଆଫଗାନ ସିରିଜରେ ସୁଯୋଗ ପାଇ ନାହାନ୍ତି। ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ୩ଟିକିଆ ଟି-୨୦ ସିରିଜ ସେପ୍ଟେମ୍ବର ୧୩ରୁ ଆରମ୍ଭ ହେବ। ଭାରତରେ ଏହା ଖେଳା ଯାଉଥିଲେ ହେଁ ଏହାର ଆୟୋଜନ ଅଧିକାର ଆଫଗାନିସ୍ତାନକୁ ମିଳିଛି। ସେପ୍ଟେମ୍ବର ୧୩, ୧୫ ଓ ୧୭ ତାରିଖରେ ୩ଟି ଯାକ ଟି-୨୦ ଦିଲ୍ଲୀରେ ହିଁ ଅନୁଷ୍ଠିତ ହେବ।

ଆଫଗାନିସ୍ତାନ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ସ୍କ୍ୱାଡ୍:

ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ (ୱିକେଟ କିପର), ଈଶାନ କିଶନ (ୱିକେଟ କିପର), ତିଳକ ବର୍ମା (ଉପ-ଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂହ ଏବଂ ହର୍ଷିତ ରାଣା।

ଭାରତ ବିପକ୍ଷରେ ଆଫଗାନିସ୍ତାନ ସ୍କ୍ୱାଡ୍:

ଇବ୍ରାହିମ ଜାଦରାନ (ଅଧିନାୟକ), ରହମାନୁଲ୍ଲା ଗୁରବାଜ (ୱିକେଟକିପର), ନୂର ରହମାନ (ୱିକେଟ କିପର), ସେଦିକୁଲ୍ଲା ଅଟଲ, ଦରୱିଶ ରସୁଲି, ଅଜମତୁଲ୍ଲା ଓମରଜାଇ, ଗୁଲବଦିନ ନାଏବ, ମହମ୍ମଦ ନବୀ, ରାଶିଦ ଖାନ, ନାଙ୍ଗ୍ୟାଲ ଖରୋଟି, ନୂର ଅହମଦ, ମୁଜିବ ଉର ରେହମାନ, ଫଜଲହକ ଫାରୁକି, ଅବଦୁଲ୍ଲା ଅହମଦଜାଇ ଏବଂ ନବୀନ-ଉଲ-ହକ।

# ଅନିଲ ପରିଡା ଓ ଧୀରାଜ ସିଂହଙ୍କୁ ସରୋଜ ମହାସୁଆର ସମ୍ମାନ

ଭୁବନେଶ୍ୱର,୧।୯ ୫ ବର୍ଷ ପରେ ପୁଣି ଫେରିବାକୁ ଯାଉଛି ସରୋଜ ମହାସୁଆର କ୍ରିକେଟ୍ ପୁରସ୍କାର। ପ୍ରତିଭାସମ୍ପନ୍ନ ବ୍ୟାଟର୍ ଅନିଲ ପରିଡା ଏବଂ ରଣଜୀ ଟ୍ରଫି ଖେଳାଳିରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇଥିବା ଧୀରାଜ ସିଂହଙ୍କୁ ମିଳିବ ଚଳିତ ବର୍ଷର ‘ସରୋଜ ମହାସୁଆର ସ୍ମୃତି ସମ୍ମାନ’’। ୨୧ ବର୍ଷ ଧରି ପ୍ରଦାନ କରାଯାଉଥିବା ଏହି ସମ୍ମାନର ଯୁବ କ୍ରିକେଟର୍ ବର୍ଗ ଲାଗି ଅନିଲ ଏବଂ ଶ୍ରେଷ୍ଠ ଅମ୍ପାୟାର୍ ଭାବେ ଧୀରାଜଙ୍କୁ ମନୋନୀତ କରାଯାଇଛି। ସେପ୍ଟେମ୍ବର ୬ ତାରିଖ (ରବିବାର) ଏହି ପୁରସ୍କାର ପ୍ରଦାନ ଉତ୍ସବ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ସୂଚନା ଦେଇଛନ୍ତି।

୨୦୨୫ରେ ସର୍ଭିସେସ୍ ବିପକ୍ଷ ରଣଜୀ ଟ୍ରଫି ପଦାର୍ପଣ ମ୍ୟାଚ୍‌ରେ ୯୯ଞ୍ଚ ରନ୍ ପାଳି ଖେଳି ଆଗମନ କରିଥିବା ଅନିଲ ୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ପ୍ରଭାବୀ ଙ୍ଗରେ ୮୪.୪୦ ହାରରେ ୪୨୨ ରନ୍ ସଂଗ୍ରହ କରିଛନ୍ତି। ୩ଟି ଅର୍ଦ୍ଧଶତକ ଏବଂ ନାଗାଲାଣ୍ଡ୍ ବିପକ୍ଷରେ ୧୧୮ଞ୍ଚ ରନ୍‌ର ଶତକୀୟ ପାଳି ବି ଖେଳିଛନ୍ତି।





ଜୁଭେନାଇଲ୍ କ୍ଲବ୍‌ରୁ କ୍ରିକେଟ୍ ଜୀବନ ଆରମ୍ଭ କରିଥିବା ଏହି ଡାହାଣହାତୀ ମଧ୍ୟକ୍ରମ ବ୍ୟାଟର୍ ବିନୁ ମଙ୍କଡ ଟ୍ରଫି, କୁଚ ବିହାର ଟ୍ରଫି, ସିକେ ନାୟୁଡୁ ଟ୍ରଫି, ଷ୍ଟେଟ୍-ଏ ଟ୍ରଫି ଆଦି ବିଭିନ୍ନ ବୟସ ବର୍ଗ ଦଳର ନେତୃତ୍ୱ ନେଇ ଆଗକୁ ବିଛନ୍ତି। ଆସାମ ବିପକ୍ଷରେ ମଧ ସୟଦ ମୁସ୍ତାକ ଅଲୀ ଟ୍ରଫି ଟ୍‌ବେଣ୍ଟି-୨୦ ଟ୍ରଫିରେ ପଦାର୍ପଣ କରିଥିଲେ।

ଅନ୍ୟପକ୍ଷରେ ଓଡିଶା ବରିଷ୍ଠ ଦଳ ପାଇଁ ଗୋଟିଏ ଦଶନ୍ଧି (୨୦୦୮-୨୦୧୮) ଖେଳିବା ସହ ୫୧ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ୧୧୯ ୱିକେଟ୍ ନେଇଥିଲେ ବାମହାତୀ ସ୍ପିନର୍ ଧୀରାଜ ସିଂହ। ଖେଳାଳି ଜୀବନ ପରେ ଧୀରାଜ ୨୦୨୩-୨୪ରୁ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ କାର୍ଯ୍ୟ କରି ଆସୁଛନ୍ତି। ସୁବ୍ରତ ଦାସ, ଅରୁଣ ବସା, ଦୁର୍ଗାଦତ୍ତ ଦାସଙ୍କ ପରେ ଚତୁର୍ଥ ଓଡିଆ ଭାବେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ହୋଇ ବିରଳ କ୍ଲବ୍‌ରେ ରହିଛନ୍ତି। ଖେଳ ଜୀବନରେ ମଧ ଧୀରାଜ ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ସହିତ ପୂର୍ବାଞ୍ଚଳ ପାଇଁ ଦଲିପ ଟ୍ରଫି ଦଳରୁ ଖେଳିବାର ଗୌରବ ରଖିଛନ୍ତି। ଖେଳ ଜୀବନର ଅଭିଜ୍ଞତାକୁ ଉପଯୋଗ କରି ସେ ବିସିସିଆଇ ପ୍ୟାନେଲ୍ ଅମ୍ପାୟାର ଭାବେ ସଫଳତାର ସହ ୩ ବର୍ଷ ଅତିକ୍ରମ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

**ସାହାଣୀ କପ୍ ଫୁଟ୍‌ବଲ୍**

## ୩ରେ ଖେଳାଳି ଚୟନ

କେନ୍ଦୁଝର,୧।୯: କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ସାହାଣୀ କପ୍ ସିନିଅର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ୍ ଟୁର୍ନାମେଣ୍ଟ ପାଇଁ ଆସନ୍ତା ଗୁରୁବାର ଷ୍ଟାଡିୟମ୍ ପଡ଼ିଆରେ ଜିଲା ଦଳ ଚୟନ ହେବ।ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣପତ୍ର (ଜନ୍ମ ସାର୍ଟିଫିକେଟ/ହାଇସ୍କୁଲ ସାର୍ଟିଫିକେଟ/ଆଧାର କାର୍ଡ) ସହ ନିଜର ଖେଳ ଉପକରଣ ଧରି ଫୁଟ୍‌ବଲ୍ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ନିକଟରେ ଜିଲା କ୍ରୀଡ଼ା ସଂସ୍ଥା କାର୍ଯ୍ୟାଳୟଠାରେ ସକାଳ ୯ଟାରେ ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରିବେ। ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଏନେଇ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ସବିଶେଷ ବିବରଣୀ ପାଇଁ ଜିଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀଙ୍କ ସହ ମୋବାଇଲ ନମ୍ବର ୯୯୩୭୧୨୮୨୦୦ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଗୋଟିଏ ମ୍ୟାଚ୍‌ରେ ଦୁଇଥର ଭାଙ୍ଗିଲା ବିଶ୍ୱରେକର୍ଡ

ନୂଆଦିଲ୍ଲୀ,୧।୯: ୨୦୨୭ ଦିନିକିଆ ବିଶ୍ୱକପର ତିନି ସହ ଆୟୋଜକ ନାମ୍ବିଆ, ଜିମ୍ବାୱେ ଏବଂ ଦକ୍ଷିଣ ଆଫ୍ରିକା। ବର୍ତ୍ତମାନ ପରସ୍ପର ବିପକ୍ଷରେ ଏକ ଟି୨୦ ସିରିଜରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ତ୍ରିକୋଣୀୟ ଟି୨୦ ସିରିଜର ତୃତୀୟ ମ୍ୟାଚ ଅଗଷ୍ଟ ୩୧ରେ ଜିମ୍ବାୱେ ଏବଂ ନାମ୍ବିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହା ଏକ ହାଇ-ସ୍କରିଂ ପ୍ରତିଯୋଗିତା ଥିଲା ଯାହା ଉଭୟ ଦଳର ବ୍ୟାଟିଂ ଦକ୍ଷତା ପ୍ରଦର୍ଶନ କରିଥିଲା। ଏହି ମ୍ୟାଚ୍‌ରେ ଗୋଟିଏ ଟି୨୦ ଅନ୍ତର୍ଜାତୀୟ ବିଶ୍ୱ ରେକର୍ଡ ଦୁଇଥର ଭାଙ୍ଗିଥିଲା।ଏହି ମ୍ୟାଚ୍‌ରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିଲା। ରିଆନ ବର୍ଲ ଏବଂ ବ୍ରାଡ ଇଭାନ୍ସଙ୍କ ଯୋଡ଼ି ସପ୍ତମ ଉଇକେଟ ପାଇଁ ଅପରାଜିତ ୯୪ ରନର ପାଳି ଖେଳି ଏକ ନୂତନ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ।ବର୍ଲ ଏବଂ ଇଭାନ୍ସ ପୂର୍ବରୁ ଅଷ୍ଟ୍ରେଲିଆର ଡାନିଏଲ ସାମ୍ସ ଏବଂ ମାର୍କସ ଷ୍ଟୋଇନିସଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୨୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସପ୍ତମ ଉଇକେଟ ପାଇଁ ୯୨ ରନର ପାର୍ଟନରସିପ କରିଥିଲେ।ରିଆନ ବର୍ଲ ଏବଂ ବ୍ରାଡ ଇଭାନ୍ସଙ୍କ ମଧ୍ୟରେ ସପ୍ତମ ଉଇକେଟ ପାଇଁ ଅପରାଜିତ ୯୪ ରନର ପାର୍ଟନରସିପ ଜରିଆରେ ଜିମ୍ବାୱେ ୨୦ ଓଭରରେ ୬ ଉଇକେଟରେ ମୋଟ ୧୯୫ ରନ କରିଥିଲା। ନାମ୍ବିଆ ୧୯୬ ରନର ଟାର୍ଗେଟକୁ ପିଛା କରି ସେମାନଙ୍କର ସପ୍ତମ ଉଇକେଟ ଯୋଡ଼ି ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ନାମ୍ବିଆର ଜାନେ ଗ୍ରୀନ ଏବଂ ନିକୋଲ ଲୋଫ୍ଟି-ଇଟନ ସପ୍ତମ ଉଇକେଟ ପାଇଁ ୧୧୦ ରନ ଯୋଡ଼ି ଜିମ୍ବାୱେର ବର୍ଲ ଏବଂ ଇଭାନ୍ସଙ୍କଠାରୁ ବିଶ୍ୱ ରେକର୍ଡ ଛଡ଼ାଇ ନେଇଥିଲେ। ନାମ୍ବିଆ ଯୋଡ଼ି ଏକ ବିଶାଳ ଭାଗୀଦାରି ହାସଲ କରି ଏକ ନୂତନ ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। କିନ୍ତୁ ଶେଷରେ ସେମାନେ ସେମାନଙ୍କ ଦଳକୁ ବିଜୟୀ କରିବାରେ ବିଫଳ ହୋଇଥିଲେ। ନାମ୍ବିଆ ଦଳ ୨୦ ଓଭରରେ ୧୯୦ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ଜିମ୍ବାୱେ ୫ ରନରେ ମ୍ୟାଚ ଜିତିଥିଲା।

## ଦୁଲୀପ ଟ୍ରଫି ଫାଇନାଲରେ ଇଷ୍ଟ ଜୋନ

ନୂଆଦିଲ୍ଲୀ,୧।୯: ଦୁଲୀପ ଟ୍ରଫିର ପ୍ରଥମ ସେମିଫାଇନାଲରେ ଇଷ୍ଟ ଜୋନ ଚମତ୍କାର ବିଜୟ ହାସଲ କରିଛି। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ମଧ୍ୟରେ ବିସିସିଆଇ ସେଣ୍ଟର ଅଫ ଏକ୍ସିଲେନ୍ସରେ ଖେଳାଯାଇଥିବା ଏହି ମ୍ୟାଚରେ ଇଷ୍ଟ ଜୋନ ସେଣ୍ଟ୍ରାଲ ଜୋନକୁ ୪ ଉଇକେଟ୍ ?ରେ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଛି। ଇଷ୍ଟ ଜୋନର ବିଜୟରେ ଯୁବ ବ୍ୟାଟର୍ ? ବୈଭବ ସୂର୍ଯ୍ୟବଂଶୀଙ୍କ ଦମଦାର ବ୍ୟାଟିଂ ସହ ଦ୍ରୁତ ବୋଲର୍ ? ମହମ୍ମଦ ଶାମି ଓ ମୁକେଶ କୁମାରଙ୍କ ଚମତ୍କାର ବୋଲିଂର ବଡ଼ ଭୂମିକା ରହିଥିଲା।

ପ୍ରଥମେ ବ୍ୟାଟିଂ କରି ସେଣ୍ଟ୍ରାଲ ଜୋନ ୮୦.୧ ଓଭରରେ ୨୬୬ ରନ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ରିଙ୍କୁ ସିଂହ ସର୍ବାଧିକ ୬୬ ରନ କରିଥିଲେ। ସେ ୮୮ ବଲର ସମ୍ମୁଖୀନ ହୋଇଥିଲେ। ଆର୍ଯ୍ୟନ ଜୁୟାଲ ୧୧୩ ବଲରେ ୪୬ ରନ କରିଥିଲେ।୨୬୬ ରନର ଜବାବରେ ଇଷ୍ଟ ଜୋନ ୫୭ ଓଭରରେ ସମସ୍ତ ଉଇକେଟ୍ ? ହରାଇ ୨୬୬ ରନ କରିଥିଲା। ଏହି ଇନିଂସରେ ବୈଭବ ସୂର୍ଯ୍ୟବଂଶୀ ଜବରଦସ୍ତ ବ୍ୟାଟିଂ କରି ୮୧ ବଲରେ ୯୨ ରନ କରିଥିଲେ। ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୦୬ ବଲରେ ୬୯ ରନ କରିଥିଲେ। ସେଣ୍ଟ୍ରାଲ ଜୋନ ପାଇଁ ହର୍ଷ ଦୁବେ ୪ଟି ଉଇକେଟ୍ ? ନେଇଥିବା ବେଳେ ଆର୍ଯ୍ୟନ ପାଣ୍ଡେ ଓ ଯଶ ଠାକୁର ୩ଟି ଲେଖାଏ ଉଇକେଟ୍ ? ହାସଲ କରିଥିଲେ। ଦ୍ୱିତୀୟ ଇନିଂସରେ ସେଣ୍ଟ୍ରାଲ ଜୋନର ବ୍ୟାଟିଂ ବିଶେଷ ପ୍ରଭାବ ପକାଇପାରିନଥିଲା। ଦଳ ୫୦.୨ ଓଭରରେ ମାତ୍ର ୧୫୮ ରନରେ ଅଲଆଉଟ ହୋଇଥିଲା। ଅମନ ମଖୋଡ଼? ୮୯ ବଲର ୪୧ ରନ କରି ଦଳ ପାଇଁ ସର୍ବାଧିକ ସ୍କ ?ର କରିଥିଲେ।

ହର୍ଷ ଦୁବେ ୫୧ ବଲରେ ମାତ୍ର ୪ ରନ କରିଥିବା ବେଳେ ଅଧିନାୟକ ରଜତ ପାଟିଦାର ମଧ୍ୟ ନିରାଶ କରିଥିଲେ। ସେ ୧୯ ବଲରେ ମାତ୍ର ୫ ରନ କରି ଆଉଟ ହୋଇଥିଲେ।

# ପାକିସ୍ତାନ କ୍ରିକେଟରେ ବହିଷ୍କାର ଭୂକମ୍ପ

ନୂଆଦିଲ୍ଲୀ,୧।୯: ପାକିସ୍ତାନ କ୍ରିକେଟରେ ବଡ ହଲଚଲ। ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ପାକିସ୍ତାନ କ୍ରିକେଟରେ ଦେଖା ଦେଇଛି ହଇଚଇ। ଇଂଲଣ୍ଡ ବିପକ୍ଷ ଦୁଇଟି ଯାକ ଟେଷ୍ଟରେ ୨୦୦ ରନ କରିବାକୁ ଅକ୍ଷମ ହୋଇଥିବା ପାକିସ୍ତାନ କ୍ରିକେଟ ଟିମର ମୁଖ୍ୟ ଚୟନକର୍ତ୍ତା ମିସବା ଉଲ ହକ ଦେଇଛନ୍ତି ଇସ୍ତଫା। ଏନେଇ ସେ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବିକୁ ମଧ ଜଣାଇ ଦେଇଛନ୍ତି। ଇଂଲଣ୍ଡ ବିପକ୍ଷରେ ଚାଲିଥିବା ୩ ଟିକିଆ ଟେଷ୍ଟ ସିରିଜ ଅଧାରୁ ସ୍କ୍ୱାଡରେ ବ୍ୟାପକ ପରିବର୍ତ୍ତନ ଓ କୋଚିଂ ଷ୍ଟାଫଙ୍କୁ ସାମୂହିକ ବହିଷ୍କାର ପରେ ମିସବା ଏପରି ପଦକ୍ଷେପ ନେଇଛନ୍ତି।

ରିପୋର୍ଟ ଅନୁସାରେ ମିସବା ଇସ୍ତଫା ଦେଇଥିଲେ ହେଁ ପିସିବି ଏଯାଏ ଏହାକୁ ଗ୍ରହଣ କରିନାହିଁ। ସେ କେବଳ ପାକିସ୍ତାନ ପୁରୁଷ କ୍ରିକେଟ ଟିମର ମୁଖ୍ୟ ଚୟନକର୍ତ୍ତା ପଦରୁ ଇସ୍ତଫା ଦେଇ ନାହାନ୍ତି, ବରଂ ଲାହୋର ସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀର ବ୍ୟାଟିଂ ପରାମର୍ଶଦାତା ପଦ ଛାଡିବାକୁ ମଧ ନିଷ୍ପତ୍ତି ନେଇଛନ୍ତି।

ଇଂଲଣ୍ଡ ଠାରୁ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ୧୯୪ ରନରେ ହାରିବା ପରେ ବେଶ ବିବାଦ ସୃଷ୍ଟି ହୋଇଛି। ଲର୍ଡସରେ ହାରି ପାକିସ୍ତାନ ୩ଟିକିଆ ସିରିଜରେ ଏବେ ୦-୨ରେ ପଛୁଆ ହୋଇଯାଇଛି। ସିରିଜ ହାରିବା ପରେ ହଠାତ୍ ପିସିବି ତୃତୀୟ ଟେଷ୍ଟ ପୂର୍ବରୁ ଦଳର ୭ ଜଣ ଖେଳାଳିଙ୍କୁ ହଟାଇ ଦେଇଛି। ମୁଖ୍ୟ କୋଚ ଦାୟିତ୍ୱରୁ ସର୍ଫରାଜ ଅହମଦ ଓ ବୋଲିଂ କୋଚ ଦାୟିତ୍ୱରେ ଥିବା ଉମର ଗୁଲଙ୍କୁ ପିସିବି ବହିଷ୍କାର କରିଛି।

ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଥିବା ଏଜବାଷ୍ଟନ ଟେଷ୍ଟ ପୂର୍ବରୁ ପିସିବି ୫ ଜଣ ଅନ କ୍ୟାପଡ ଖେଳାଳିଙ୍କୁ ଇଂଲଣ୍ଡ ପଠାଇଛି। ସେମାନେ ହେଲେ ଅରାଫତ ମିନହାସ, ମହମ୍ମଦ ଇମ୍ରାନ ଜୁନିୟର, ସାଦ ବେଗ, ମହମ୍ମଦ ଇମରାନ ରନ୍ଧୱା ଓ ରାଜଉଲ୍ଲା। ଏମାନଙ୍କ ବ୍ୟତୀତ ୧୦ଟି ମ୍ୟାଚ୍‌ର ଅଭିଜ୍ଞତା ରଖିଥିବା ସୈମ ଆୟୁବ ଓ ଅବଦୁଲ୍ଲା ଫଜଲଙ୍କୁ ମଧ୍ୟ ସ୍କ୍ୱାଡରେ ସାମିଲ କରାଯାଇଛି।

ପିସିବି ପକ୍ଷରୁ ମହମ୍ମଦ ରିଜୱାନ, ଇମାମ ଉଲ ହକ, ସଲମାନ ଅଲୀ ଆଗା, ଅଲୀ ଉସମାନ, ଆମୀର ଜମାଲ, ଅୱିସ ଜାଫର ଓ ଖୁରାମ ଶାହଜାଦ ପାକିସ୍ତାନ ଟିମରୁ ବାଦ ପଡିଛନ୍ତି। ପାକିସ୍ତାନର ଧଳା ବଲ ଟିମ ଦାୟିତ୍ୱରେ ଥିବା ମାଇକ ହାସନ ଓ ଆଶଲେ ନୋଫକେଙ୍କୁ ଟେଷ୍ଟ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।





ପିସିବି ଟିମ ଓ କୋଚିଂ ସେଟଅପରେ ହଠାତ୍ ଏଭଳି ପରବର୍ତ୍ତନ କରିବାକୁ ମିସବା ପାକିସ୍ତାନ କ୍ରିକେଟ ଦାୟିତ୍ୱରୁ ଓହରି ଯିବାକୁ ଚାହୁଁଥିବା ଜଣାପଡିଛି। ପାକିସ୍ତାନର ଅନ୍ୟତମ ସଫଳ ଟେଷ୍ଟ କ୍ୟାପ୍‌ଟେନ ମିସବାର ୨୦୧୭ରେ ଅବସର ନେଇଥିଲେ। ଏହାପରେ ପିସିବିରେ ଅନେକ ଦାୟିତ୍ୱ ସେ ସମ୍ଭାଳିଛନ୍ତି।

ପ୍ରଥମେ ସେ ୨୦୧୯ରେ ମୁଖ୍ୟ କୋଚ ଓ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ପାଇଥିଲେ। ହେଲେ ୨୦୨୦ରେ ସେ ମୁଖ୍ୟ ଚୟନକର୍ତ୍ତା ଓ ୨୦୨୧ରେ କୋଚିଂ ଦାୟିତ୍ୱରୁ ଓହରି ଯାଇଥିଲେ।

ମିସବା ପୁଣି ୨୦୨୩ରେ ପିସିବିକୁ ପରାମର୍ଶଦାତା ଭାବେ କମବ୍ୟାକ କରିଥିଲେ। ୨୦୨୪ ପୁରୁଷ ଚାମ୍ପିୟନ୍ସ କପରେ ସେ ୫ ଜଣିଆ ମେଣ୍ଟୋର ଟିମରେ ରହିଥିଲେ। ଏଥିସହ ଘରୋଇ ମହିଳା ଟିମ ସହ କାମ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚରେ ତାଙ୍କୁ ୪ ଜଣିଆ ଚୟନକର୍ତ୍ତା ଟିମର ମୁଖ୍ୟ ଦାୟିତ୍ୱ ମିଳିଥିଲା।ସେହିପରି ମୁଖ୍ୟ କୋଚ୍ ସର୍ଫରାଜ ଅହମଦ ଓ ବୋଲିଂ କୋଚ୍ ଉମର ଗୁଲଙ୍କୁ ମଧ୍ୟ ପିସିବି ସ୍ୱଦେଶ ଫେରାଇ ନେଇଛି। ଏହି ଦୁଇ ଜଣଙ୍କ ବଦଳରେ ପାକିସ୍ତାନର ଧଳା ବଲ ଟିମ ଦାୟିତ୍ୱରେ ଥିବା ମାଇକ ହାସନ ଓ ଆଶଲେ ନୋଫକେଙ୍କୁ ଟେଷ୍ଟ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

ଇଂଲଣ୍ଡ ବିପକ୍ଷରେ କ୍ରମାଗତ ଟେଷ୍ଟ ମ୍ୟାଚ୍ ହାରିବା ପରେ ଅଧିନାୟକ ବାବର ଆଜମ ଉପରେ ସୃଷ୍ଟି ହୋଇଛି ଚାପ। ନିଜର ରଣନୀତି ଓ ବ୍ୟାଟିଂ ଫର୍ମକୁ ନେଇ ସେ ସମାଲୋଚନାର ଶିକାର ହେଉଛନ୍ତି। ଏସବୁ ଭିତରେ ବାବରଙ୍କ ସହ ଟିମର ଅନ୍ୟତମ ବରିଷ୍ଠ ଖେଳାଳି ଶାହୀନ ଶାହ ଆଫ୍ରିଦିଙ୍କ ତିକ୍ତତା ଖବର ସାମ୍ନାକୁ ଆସିଛି।

ପାକିସ୍ତାନ ଟିମର ପୂର୍ବତନ ଅଧିନାୟକ ବସିତ ଅଲୀ ଦାବି କରିଛନ୍ତି ଯେ ବାବର ଓ ପ୍ରିମିୟର ଫାଷ୍ଟ ବୋଲର ଆଫ୍ରିଦିଙ୍କ ମଧ୍ୟରେ କିଛି ବି ଠିକଠାକ ଚାଲିନାହିଁ। ଏହି ଦୁଇ ବରିଷ୍ଠ ଖେଳାଳିଙ୍କ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ବେଶ କିଛି ବର୍ଷ ହେଲା ପାକିସ୍ତାନ ଟିମର ପ୍ରଦର୍ଶନ ନିମ୍ନଗାମୀ ହେଉଥିବା ମଧ ସେ କହିଛନ୍ତି।

ପାକିସ୍ତାନ କ୍ରିକେଟ ବୋର୍ଡ ପାଇଁ କ୍ୟାପ୍‌ଟେନ୍ସି ସତେ ଯେମିତି ଗୋଟିଏ ମ୍ୟୁଜିକାଲ ଚେୟାରରେ ପରିଣତ ହୋଇଛି। କେତେବେଳେ ମହମ୍ମଦ ରିଜୱାନ ତ ଆଉ କେତେବେଳେ ବାବର, ଆଫ୍ରିଦି ଓ ଶାନ ମସୁଦଙ୍କୁ ଦଳର କମାଣ ଧରାଇ ଦେଉଛି ପିସିବି। ନିକଟରେ କ୍ୟାପ୍‌ଟେନ୍ସି କମାଣ ବୁଲିବୁଲି ପୁଣି ବାବରଙ୍କ ପାଖରେ ପହଞ୍ଚିଛି। ହେଲେ ବାବର ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟରେ ଫେଲ ମାରିଛନ୍ତି। ବସିତଙ୍କ କହିବା କଥା ଯେ ବାବର ଓ ଆଫ୍ରିଦିଙ୍କ ମଧ୍ୟରେ ନେତୃତ୍ୱ ବିବାଦ ଦେଖାଯିବା ଦିନ ଠାରୁ ଦଳର ପ୍ରଦର୍ଶନ ତଳକୁ ତଳ ଖସିବାରେ ଲାଗିଛି। ସେ କହିଛନ୍ତି, “ବାବର ଆଜମ ଜଣେ ଦୃ କ୍ୟାପ୍‌ଟେନ ନୁହନ୍ତି। ମୁଁ ଏକଥା ଇଂଲଣ୍ଡ ବିପକ୍ଷ ପ୍ରଦର୍ଶନ ପାଇଁ କହୁନାହିଁ। ସେ ଅନେକ ଭୁଲ ନିଷ୍ପତ୍ତି ନେଉଛନ୍ତି।

ପାକିସ୍ତାନ କ୍ରିକେଟର ପତନ ପଛର ମୁଖ୍ୟ କାରଣ ହେଉଛି ବାବର ଓ ଶାହୀନଙ୍କ ମଧ୍ୟରେ ଥିବା ବିବାଦ। ଯେଉଁ ଦିନ ଦୁଇ ଜଣଙ୍କ ମଧ୍ୟରେ କ୍ୟାପ୍‌ଟେନ୍ସିକୁ ନେଇ ବିବାଦ ଆରମ୍ଭ ହେଲା, ସେହିଦିନ ଠାରୁ ପାକିସ୍ତାନ କ୍ରିକେଟ ବର୍ବାଦ ରାସ୍ତାକୁ ଆସିଥିଲା। ଅନେକ ଲୋକ ଶାହୀନଙ୍କୁ ଭଲ ବୋଲର ଓ ବାବରଙ୍କୁ ଭଲ ବ୍ୟାଟର କହୁଛନ୍ତି। ଯେଉଁମାନେ ଦୁଇ ଜଣଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥିଲେ ଏବେ ଏହାର ପ୍ରଭାବ ଟିମର ପ୍ରଦର୍ଶନ ଉପରେ ପଡିଛି।” ଏପଟେ ପାକିସ୍ତାନ କ୍ରିକେଟ ବୋର୍ଡ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ପୂର୍ବରୁ ଟିମରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ପାକିସ୍ତାନ ୦-୨ରେ ସିରିଜ ହାରି ସାରିଥିବା ବେଳେ ପିସିବି ୫ ଜଣ ଅନ କ୍ୟାପଡ ଖେଳାଳିଙ୍କୁ ଇଂଲଣ୍ଡ ପଠାଇଛି।

**୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଅନ୍ତଃସ୍କୁଲ ଫୁଟବଲ୍**

## ବିଜେତା ୟୁନିଟ୍-୧ ହାଇସ୍କୁଲ୍‌କୁ ୧ ଲକ୍ଷ

ଭୁବନେଶ୍ୱର: ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ମହାପାତ୍ର ସ୍ମାରକୀ ଅନ୍ତଃସ୍କୁଲ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ୍‌ରେ ରବିବାର ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍‌କୁ ୪-୦



ଗୋଲ୍‌ରେ ପରାସ୍ତ କରି ୟୁନିଟ୍-୧ ସରକାରୀ ବାଳକ ହାଇସ୍କୁଲ୍ ବିଜେତା ହୋଇଛି। ଏଥି ସହିତ ୟୁନିଟ୍-୧ ଦଳକୁ ୧ ଲକ୍ଷ ଟଙ୍କାର ପୁରସ୍କାର ମଧ ମିଳିଛି। ଉପ ବିଜେତା ଦଳକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ତୃତୀୟ ସ୍ଥାନ ଦଖଲକାରୀ କିସ୍‌କୁ ୨୦,୦୦୦ ଏବଂ ଚତୁର୍ଥ ଦଳ ପଳାଶୁଣୀ ହାଇସ୍କୁଲ୍‌କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଫଳରେ ମୋଟ ୧.୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରସ୍କାର ବିତରଣୀ ଉତ୍ସବରେ ଓଡିଶା ଅଲିମ୍ପିକ୍ସ ସଂଘ ସଭାପତି ସମୀର ମହାନ୍ତି, ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଅନୁଗୋଳ ସୁକିନ୍ଦା ରେଳବାଇ ପ୍ରକଳ୍ପର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାମନ୍ତରାୟ, ସମାଜ ସେବୀ ଜଗନ୍ନାଥ ପ୍ରଧାନ, ଫାଓ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଭାରତୀୟ ମହିଳା ଫୁଟବଲ୍ ଦଳର ପୂର୍ବତନ ପ୍ରଶିକ୍ଷକ ଶେଖ୍ ଜବାର୍, ବିଏଏ ସମ୍ପାଦକ ସୌର୍ଯ୍ୟରଂଜନ ପରିଜା, ନୀତା ଫୁଟବଲ୍ ଏକାଡେମୀର ଅଧ୍ୟକ୍ଷ ସୁବ୍ରତ ଦାସ, ଭୁବନେଶ୍ୱର ଫୁଟବଲ୍ ଏକାଡେମୀର କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା, ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ, ବିଏଏର ବରିଷ୍ଠ ସଦସ୍ୟ ରାଧାନାଥ ମହାପାତ୍ର, ରଜତ ଦାସ, ୟୁନିଟ୍ ୬ ଦେଉକୁଦ ସଂଘ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ କୁମାର ଦାସ, ଉପ ସଭାପତି ଗୌରୀ ପ୍ରହରାଜ, ଭୁବନେଶ୍ୱର ମାର୍କେଟ ବ୍ୟବସାୟୀ ସଂଘ ଉପ ସଭାପତି ରଞ୍ଜିତ୍ ମହାନ୍ତି, ପୂର୍ବତନ ଖେଳାଳି ପ୍ରଦୀପ କୁମାର ବଳିୟାର ସିଂହ, ପୂର୍ବତନ କ୍ରୀଡ଼ା ଶିକ୍ଷକ ସ୍ୱର୍ଗତଃ ଜୟନ୍ତ କୁମାର ମହାପାତ୍ରଙ୍କ ଦୁଇ ପୁତ୍ର ଜାଫ୍ରାନ ମହାପାତ୍ର ଓ ଜିତେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ତ ରଞ୍ଜନ ପାତ୍ର ସଭା ପରିଚାଳନା କରିଥିଲେ।

## ୬ ଓଡିଆଙ୍କୁ ଅଲ୍‌ଟ୍ରାମ୍ୟାନ୍ ପଦକ

ଭୁବନେଶ୍ୱର,୧।୯: ଇତିମଧ୍ୟରେ ଓଡିଶାର ୬ ଜଣ ଦୁଃସାହସୀ ବ୍ୟକ୍ତି ଅଲ୍‌ଟ୍ରାମ୍ୟାନ୍ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ହେଲ୍ ରେସ୍ ପକ୍ଷରୁ ଆୟୋଜିତ ଗୋଆ ଅଲ୍‌ଟ୍ରା ଅଭିଯାନରେ ସାମିଲ ହୋଇ ଓଡିଶାର



ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ହରିପଦ ମାଝୀ, ଡକ୍ଟର ସ୍ୱଦେଶ କୁମାର ଦାଶ, ପର୍ଶୁରାମ ପଣ୍ଡା, ରୂପକୁମାର ମାରାଣ୍ଡି ଏବଂ ଅଭିଜିତ୍ ମିଶ୍ର ଏହି ଗୌରବ ଆଣିଛନ୍ତି।

ଗୋଆର ପାଲୋଲେମ୍‌ଠାରୁ ନେତ୍ରାବଳୀ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ ଦେଇ ୯୦୦ ମିଟର୍ ଉଚ୍ଚରେ ଥିବା ସାଙ୍ଗୁଏମ୍ ପର୍ଯ୍ୟନ୍ତ ୬୨ କିଲୋମିଟର୍ ବିଶିଷ୍ଟ ଅଲଟ୍ରାଦେଡକୁ ସଫଳତାର ସହ ଶେଷ କରିଥିଲେ। ସମସ୍ତ ୬ ଜଣଙ୍କୁ ଅଲ୍‌ଟ୍ରାମ୍ୟାନ୍ ପଦକ ମଧ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୨୫ ମସିହାରେ ଏହି ୬ ଜଣିଆ ଦଳ ବିଶ୍ୱର ସର୍ବୋଚ୍ଚ ‘ଲଦାଖ ମାରାଥନ୍’ରେ ୪୨.୨ କିଲୋମିଟର୍ ଅତିକ୍ରମ କରି ମଧ ପଦକ ହାସଲ କରିଥିଲେ।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,